ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକୁ ଅସ୍ଥାୟୀ ଭାବେ ପୂରଣ କରିବା ପାଇଁ ଅବସରପ୍ରାପ୍ତ ଶିକ୍ଷାବିତ୍‌ମାନେ ଅତିଥି ଭାବେ ନିଯୁକ୍ତି ପାଇବେ। ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସହିତ ସଂସ୍କୃତ କଲେଜଗୁଡ଼ିକରେ ଏହି ପଦକ୍ଷେପ ୨୦୨୫-୨୬ ଶିକ୍ଷାବର୍ଷରୁ ଲାଗୁ ହେବାକୁ ଯାଉଛି। ଚୟନ ପ୍ରକ୍ରିୟା, ନିଯୁକ୍ତି, ଦରମା ଓ କାର୍ଯ୍ୟ ଦିନ ଆଦି ସମସ୍ତ ବିବରଣୀ ଉଚ୍ଚଶିକ୍ଷା ସୂଚନା ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ସ୍ୱଚ୍ଛତାର ସହିତ ହେବ। ଏହି ଅତିଥି ଅଧ୍ୟାପକମାନେ ଚୁକ୍ତିଭିତ୍ତିକ ଭାବେ ଗୋଟିଏ ଶିକ୍ଷାବର୍ଷ କିମ୍ବା ନିୟମିତ ପଦବୀ ପୂରଣ ପର୍ଯ୍ୟନ୍ତ ରହିପାରିବେ। ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଶିକ୍ଷାସେବା ଦୃଷ୍ଟିରେ ଦରକାର ପଡ଼ିଲେ ତାଙ୍କର ନିଯୁକ୍ତି ଅବଧି ବଢ଼ାଯାଇପାରେ ବୋଲି ସରକାର ଘୋଷଣା କରିଛନ୍ତି। ଶିକ୍ଷା ସମାପ୍ତ ହେବା ପରେ ବର୍ଷ ପରେ ବର୍ଷ ବେରୋଜଗାରୀ ଯୁବଗୋଷ୍ଠୀ ନିଯୁକ୍ତିର ଅପେକ୍ଷା କରୁଛନ୍ତି, ଆଉ ସେହି ସମୟରେ ଅବସରପ୍ରାପ୍ତ ପ୍ରଫେସରମାନଙ୍କୁ ପୁଣି ଅତିଥି ଶିକ୍ଷକ ଭାବେ ନିଯୁକ୍ତ କରାଯିବା ପ୍ରସଙ୍ଗ ଏହା କି ନ୍ୟାୟସଂଗତ ? ଅତିଥି ଶିକ୍ଷକ ପଦବୀ ମଧ୍ୟ ଯୁବଗୋଷ୍ଠୀଙ୍କ ହାତରୁ ଛଡାଇ ନିଆଯାଉଛି। ବ୍ୟବସ୍ଥା ମନେକରୁଛି ଅନୁଭବ ଅଛି, ତେଣୁ ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକଭାବେ ନିଯୁକ୍ତି ଦେଲେ କିଛି ଭୁଲ୍ ହେବ ନାହିଁ । ପ୍ରଶ୍ନ ହେଉଛି, ଯଦି ଯୁବ ଶିକ୍ଷିତଗୋଷ୍ଠୀ ଅନୁଭବ ନ ପାଇବେ, ତେବେ ସେମାନେ କେବେ ଅନୁଭବୀ ହେବେ ?

**-ଅଜିତ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଦେହି ମୋର ସାଜଇଁ ବସି
ତୁମରି ପ୍ରେମ ଲାଗି ଯେ
ନିଜକୁ ମୁଁ ଯେ କରଇଁ ପ୍ରେମ
ତୁମରି ଅନୁରାଗୀ ହେ ।
-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ଶିଶୁପୁତ୍ରଙ୍କୁ ସାକ୍ଷାତ କରିପାରିବେ ବାପା, ଜେଜେ: ହାଇକୋର୍ଟ

**କଟକ,୩୦।୧୦(କାର୍ତ୍ତିକ ସାହୁ)**

ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ମାମଲା ଅଦାଲତରେ ବିଚାରାଧୀନ ଥିବାବେଳେ ସ୍ତ୍ରୀଙ୍କ ନିକଟରେ ରହୁଥିବା ନାବାଳକ ସନ୍ତାନଙ୍କୁ ବାପା, ଜେଜେମା'ଜେଜେବାପା ସାକ୍ଷାତ କରିପାରିବେ। ଜନ୍ମଦିନରେ ବା ଅନ୍ୟ ସାକ୍ଷାତ୍ ସମୟରେ ଉପହାର ବି ଦେଇପାରିବେ। ଭିଡିଓ କଲ୍‌ରେ କଥା ମଧ୍ୟ ହୋଇପାରିବେ। ଶିଶୁର କଲ୍ୟାଣ ଦୃଷ୍ଟିରୁ ବାପା ଓ ଜେଜେବାପାଙ୍କ ଉପସ୍ଥିତି ଆବଶ୍ୟକ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୈବାହିକ ବିବାଦ ଲାଗିଥିବା ବେଳେ ସନ୍ତାନଙ୍କୁ ସାକ୍ଷାତ ପାଇଁ କେହି ବାରଣ କରିପାରିବେ ନାହିଁ। ବୈବାହିକ ବିବାଦ ଏଥିରେ ବାଧକ ସାଜିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ସ୍ପଷ୍ଟ କରିଛନ୍ତି। କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ରାୟଗୁରୁ ହାଇକୋର୍ଟରେ କରିଥିବା ଆବେଦନର ବିଚାର କରି ବିଚାରପତି ଏସ୍. କେ. ମିଶ୍ର ଏପରି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ,

**ଛାଡ଼ପତ୍ର ମାମଲା ସାଜିବନି ବାଧକ**

ଆବେଦନକାରୀ ସୌରଭଙ୍କ ସ୍ତ୍ରୀ ପାରିବାରିକ ବିବାଦରୁ ତାଙ୍କ ଶାଶୁଘରୁ ଯାଇ ବାପ ଘରେ ରହୁଛନ୍ତି। ତାଙ୍କ ନିକଟରେ ଦୁଇ ବର୍ଷର ନାବାଳକ ପୁତ୍ର ରହୁଛି। ସୌରଭ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପରିବାର ଅଦାଲତରେ ଛାଡ଼ପତ୍ର ମାମଲା ସମେତ ଅନେକଗୁଡ଼ିଏ ମାମଲା ଅଦାଲତରେ ବିଚାରାଧୀନ ରହିଛି। ତେବେ ଶିଶୁପୁତ୍ରକୁ ସାକ୍ଷାତ୍ କରିବା ପାଇଁ ସୌରଭ ପରିବାର ଅଦାଲତରେ କରିଥିବା ଆବେଦନକୁ ଗତ ମାର୍ଚ୍ଚ ୨୦ତାରିଖରେ ଅଦାଲତ ଖାରଜ କରିଦେଇଥିଲେ। ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ହାଇକୋର୍ଟରେ କରିଥିବା ଆବେଦନର ଶୁଣାଣି ଗତ ୧୫ ତାରିଖରେ ଶେଷ ହୋଇଥିବାବେଳେ ୨୮ ତାରିଖରେ ରାୟ ପ୍ରକାଶ ପାଇଛି। ହାଇକୋର୍ଟ ଉକ୍ତ ରାୟରେ ଦର୍ଶାଇଛନ୍ତି ଯେ, ସୌରଭ ତାଙ୍କ ମାତାପିତାଙ୍କ ସହିତ ମାସରେ ୨ଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ମହିଳା ମଧ୍ୟସ୍ଥଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ତାଙ୍କ ଶିଶୁପୁତ୍ରକୁ ସାକ୍ଷାତ୍ କରିପାରିବେ। ଏଥିସହ ସୌରଭ ତାଙ୍କ ମାତାପିତାଙ୍କ ସହିତ ପ୍ରତି ୨ୟ ଓ ୪ର୍ଥ ଶନିବାର ଓ ରବିବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ହ୍ୱାଟ୍ସଆପ୍ ଭିଡିଓ କଲିଂ କରିପାରିବେ। ଭିଡିଓ କଲିଂ କରିବା ପାଇଁ ସୌରଭ ତାଙ୍କ ସ୍ତ୍ରୀଙ୍କୁ ଏକ ଆଣ୍ଡ୍ରଏଡ୍ ମୋବାଇଲ ସିମ୍ କାର୍ଡ ସହିତ ଦେବେ। ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ୍ ବେଳେ ପିତା ଓ ଜେଜେ, ଜେଜେମା' ତାଙ୍କ ନାତିକୁ ଉପହାର ମଧ୍ୟ ଦେଇପାରିବେ। ଏହି ଦିନ ବ୍ୟତୀତ ସେମାନେ ମଧ୍ୟ ନାତି ଜନ୍ମଦିନରେ ତାକୁ ସାକ୍ଷାତ କରିପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ଓ ପ୍ରତିପକ୍ଷରୁ ଆଇନଜୀବୀ ଏସ୍. କେ. ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

# ୪ ମେମୁ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)**

ଦକ୍ଷିଣ -ପୂର୍ବ ରେଳପଥର ଖଡ଼ଗପୁର ମଣ୍ଡଳ ଅନ୍ତର୍ଗତ ଅମର୍ଦ୍ଦା ରୋଡ ରେଳ ଷ୍ଟେଶନର ୟାର୍ଡ ପୁନଃମଡେଲିଂ କାର୍ଯ୍ୟ ହେତୁ ୪ଟି ମେମୁ ଟ୍ରେନ୍ ନଭେମ୍ବର ୨ତାରିଖରେ ବାତିଲ ରହିବ। ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୬୮୦୪୯ ଖଡ଼ଗପୁର-ଭଦ୍ରକ ମେମୁ, ୬୮୦୫୦ ଭଦ୍ରକ-ଖଡ଼ଗପୁର ମେମୁ, ୬୮୦୫୨ ଭଦ୍ରକ-ବାଲେଶ୍ୱର ମେମୁ ଓ ୬୮୦୫୧ ବାଲେଶ୍ୱର-ଭଦ୍ରକ ମେମୁ ରହିଛି।

# ଏମ୍‌ସିସି ଉଲ୍ଲଂଘନ: ଓଆଇଏସ୍ ତନୁଜା ନିଲମ୍ବିତ

**ଭୁବନେଶ୍ୱର,୩୦।୧୦ (ରବିନାରାୟଣ ଜେନା)**

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଉଲ୍ଲଂଘନ ନେଇ ଓଆଇଏସ୍-୨ ତନୁଜା ମହାନ୍ତିଙ୍କୁ ସରକାର ନିଲମ୍ବନ କରିଛନ୍ତି। ଗୁରୁବାର ଏସଂକ୍ରାନ୍ତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଆଦର୍ଶ ଆଚରଣବିଧି ଉଲ୍ଲଂଘନକୁ ନେଇ ତନୁଜା ମହାନ୍ତିଙ୍କୁ ନିଲମ୍ବନ କରାଯାଉଛି। ନିଲମ୍ବନ ଅବଧି ମଧ୍ୟରେ ଭୁବନେଶ୍ୱର ମୁଖ୍ୟାଳୟ ଛାଡ଼ି, ବିନା ଅନୁମତିରେ ସେ ଅନ୍ୟତ୍ର ଯାଇପାରିବେ ନାହିଁ। ସୂଚନାଯୋଗ୍ୟ, ତନୁଜା ଏକ ରାଜନୈତିକ ଦଳର ପ୍ରଚାର ଓ ପ୍ରସାର କରୁଥିବା ନେଇ ବିରୋଧୀଦଳ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

# ନିଶାମୁକ୍ତ ହେବ ଶିକ୍ଷାନୁଷ୍ଠାନ କ୍ୟାମ୍ପସ

**ଭୁବନେଶ୍ୱର, ୨୫।୧୦ (ସୁଚିସ୍ମିତା ସାହୁ)**

**ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହେବେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର**

ଶିକ୍ଷାନୁଷ୍ଠାନ କ୍ୟାମ୍ପସଗୁଡିକୁ ନିଶାମୁକ୍ତ କରାଯିବ। ପିଲାମାନେ ଶୈକ୍ଷିକ ବାତାବାରଣରେ ପାଠପଢ଼ିବେ। ପିଲାମାନେ ନିଶାଠାରୁ ଦୂରେଇ ରହି ଯେପରି ପାଠପଢ଼ା ପ୍ରତି ଆଗ୍ରହ ବଢ଼ାଇବେ ସେଥିପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏନେଇ ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ କରାଯିବ। ଏନେଇ ଜଣେ ଲେଖାଏ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। କ୍ୟାମ୍ପସକୁ ନିଶାମୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ବିଶେଷକରି ଛାତ୍ରୀଛାତ୍ରଙ୍କ ମନରେ ନିଶାମୁକ୍ତ ପରିବେଶ ପ୍ରତି ସଚେତନତା ସୃଷ୍ଟିକରିବା ସହ ନିଜ ଲୁକ୍କାୟିତ ପ୍ରତିଭା ଯଥା ଖେଳ, ଯୋଗ ଭଳି ବିଭିନ୍ନ କାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। କ୍ୟାମ୍ପସଗୁଡିକରେ ସିସିଟିଭି ଲଗାଇ ନିୟମିତ ଭାବେ ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି ୟୁଜିସି ମାର୍ଗଦର୍ଶିକାରେ କୁହାଯାଇଛି। ସେହି ଆଧାରରେ ରାଜ୍ୟ ସରକାର ସପ୍ତାହବ୍ୟାପୀ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ଆଲୋଚନା ସହ ଯୋଗ, ଶାରୀରିକ ଦକ୍ଷତା ଏଂ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବେ। ଏନେଇ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜଣେ ଅଧିକାରୀ ନିଯୁକ୍ତ ହେବେ। ସେ ସେହି କଲେଜ କିମ୍ବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହୋଇଥିବେ। ବିଶେଷକରି ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

# ୧ରୁ ସୁଭଦ୍ରା ଶକ୍ତି ମେଳା

**ଓଡ଼ିଶା ସମେତ ୧୧ ରାଜ୍ୟର ଏସ୍‌ଏଚ୍‌ଜି ମହିଳା ସାମିଲ ହେବେ**




ଖବରଦାତା ସମ୍ମିଳନୀରେ ସୁଭଦ୍ରା ଶକ୍ତିମେଳା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୩୦।୧୦(ସୁଚିସ୍ମିତା ସାହୁ)**

ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ନିଜ ସାମର୍ଥ୍ୟ ଓ ସୃଜନଶୀଳତା ପ୍ରତିପାଦିତ କରିଥିବା ଉଦ୍ୟୋଗୀ ନାରୀଙ୍କୁ ନେଇ ନଭେମ୍ବର ୧ରୁ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଓଡ଼ିଶା ସମେତ ୧୧ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନେ ଭାଗନେଇ ନିଜ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ ପ୍ରଦର୍ଶନ କରିବେ। ରାଜ୍ୟର ସମସ୍ତ ଜିଲାରୁ ୩ଶହରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଯୋଗଦେବ। ଏହି ମେଳାରେ ଏସ୍‌ଏଚ୍‌ଜି ଦ୍ୱାରା ୫୦ରୁ ଅଧିକ ଖାଦ୍ୟ ଷ୍ଟଲ ଖୋଲିବ ବୋଲି ଗୁରୁବାର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଶକ୍ତି ମେଳାରେ ଓଡ଼ିଶା ସମେତ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ଏସ୍‌ଏଚ୍‌ଜିର ମହିଳାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳା କେବଳ କ୍ରୟ ବିକ୍ରୟର ମଞ୍ଚ ନୁହେଁ, ନାରୀମାନଙ୍କର ଆତ୍ମବିଶ୍ୱାସ, ସଫଳତା ଓ ସାମାଜିକ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଏଠାରେ ବିବିଧ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ ଅଣ କାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ଓ ବିକ୍ରୟ ହେବ। ପରିଦର୍ଶକ ଓ ଅତିଥିମାନେ ଲୁଗାପଟା, ଖାଦ୍ୟଶସ୍ୟ, ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ। ଏହି ମେଳାରେ ଓଡ଼ିଶା ସଂସ୍କୃତି, ନାରୀ ଶକ୍ତି ଓ ପାରମ୍ପରିକ ସ୍ୱାଦର ମଜା ନେଇପାରିବେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମଥର ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ ଶୋ ଆୟୋଜିତ ହେବ। ଲୋକେ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲରେ ମିଲେଟଭିତ୍ତିକ ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ବିବିଧ ପାରମ୍ପରିକ ଓ ଖାଦ୍ୟ ଉପଭୋଗ କରିପାରିବେ। ଏହି ମେଳା ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଲକ୍ଷପତି ଦିଦି ହେବା ସ୍ୱପ୍ନକୁ ସାକାର କରିବ। ମିଶନ ଶକ୍ତିର ଏହି ପଦକ୍ଷେପ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବ। ଏହି ମେଳାକୁ ସପରିବାର ଆସି ଓଡ଼ିଶାର ନାରୀ ଶକ୍ତିର ସୃଜନଶୀଳତା, ହସ୍ତଶିଳ୍ପ ଓ ସଂସ୍କୃତିର ଏହି ଅନୁପମ ସମାହାରକୁ ସଫଳ କରିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆମନ୍ତ୍ରଣ କରିଛନ୍ତି। ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ଗିରିଶ ଏସ.ଏନ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଲ ଜଗିବେ ହୋମ୍‌ଗାର୍ଡ

**ଭୁବନେଶ୍ୱର,୩୦।୧୦ (ସତ୍ୟଜିତ ରାଉତ)**

**ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଲେ ଜେଲ ଡିଜି**

ରାଜ୍ୟରେ ଥିବା ଜେଲଗୁଡିକର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବାକୁ ସେଠାରେ ହୋମ୍‌ଗାର୍ଡ (ଗୃହରକ୍ଷୀ)ମାନେ ନିୟୋଜିତ ହେବେ। ଜେଲଗୁଡ଼ିକରେ ଏବେ ପର୍ଯ୍ୟାପ୍ତ ୱାର୍ଡର ନ ଥିବାରୁ ଜେଲ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜେଲ ଡିଜି ସୁଶାନ୍ତ କୁମାର ନାଥ ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ଜେଲରେ ଖାଲି ଥିବା ୱାର୍ଡର ପଦବୀ ପୂରଣ ହେବା ପର୍ଯ୍ୟନ୍ତ ହୋମ୍‌ଗାର୍ଡମାନେ ଅସ୍ଥାୟୀ ଭାବେ ପ୍ରାୟ ବର୍ଷେ ଯାଏ ଡ୍ୟୁଟି କରିବେ। ଆବଶ୍ୟକ ପଡ଼ିଲେ ୱାର୍ଡରଙ୍କ ନିୟମିତ ନିଯୁକ୍ତି ହେବା ଯାଏ ମଧ୍ୟ ସେମାନେ କାର୍ଯ୍ୟ କରିବେ। ସୂଚନା ଅନୁଯାୟୀ, ରାଜ୍ୟର ୮୭ଟି ଜେଲରେ ୨୪ ହଜାର ୧୯୬ କଏଦୀ ରହିପାରିବାର କ୍ଷମତା ରହିଥିବାବେଳେ ଏବେ ୧୭ ହଜାର ୩୦୦ କଏଦୀ ରହୁଛନ୍ତି। ଏସବୁ ଜେଲରେ ଥିବା ମୋଟ ୧୮୫୬ ୱାର୍ଡର ପଦବୀରୁ ୬୦୦ଟି ପଦବୀ ଖାଲି ପଡ଼ିଛି। ନୂଆ ୱାର୍ଡର ନିଯୁକ୍ତି ପାଇଁ ପ୍ରକ୍ରିୟା ଚାଲୁରହିଥିବା ବେଳେ ଜେଲ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏଭଳି ଅନ୍ତରୀଣ ପଦକ୍ଷେପ ନିଆଯାଇଛି। କିଛି ମାସ ମଧ୍ୟରେ ଏକାଧିକ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ତ୍ରୁଟି ଦେଖିବାକୁ ମିଳିଛି। ଏପରିକି ଜେଲରେ ସୁରକ୍ଷା ଢିଲା କାରଣରୁ କଏଦୀମାନେ ଫେରାର ହୋଇଯାଉଥିବା ନଜିର ରହିଛି। କିଛିଦିନ ତଳେ ଚୌଦ୍ୱାର ଜେଲରେ ରହୁଥିବା ୨ ପେସାଦାର ଅପରାଧୀ ଫେରାର ହୋଇଯାଇଥିଲେ। ସେହିପରି ଏହାର କିଛିଦିନ ପରେ ସୋର ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ମଧ୍ୟ ଖସିଯାଇଥିଲେ। ତେଣୁ ଜେଲ ସୁରକ୍ଷାକୁ ଅଧିକ ମଜଭୁତ କରିବାକୁ ଗୃହରକ୍ଷୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଜେଲଗୁଡ଼ିକୁ ଏସ୍‌ପି ଓ ଜିଲାପାଳ ଅଚାନକ ଗସ୍ତ କରିବାକୁ କିଛିଦିନ ତଳେ ଜେଲ ଡିଜି ଚିଠି ଲେଖିଥିଲେ। ଜେଲରେ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟକର ପରିବେଶର ସ୍ଥିତି ପରଖିବାକୁ ଚିଠିରେ କୁହାଯାଇଥିଲା।

# ଆଜି ରାଧାପାଦ ଦର୍ଶନ

**ସାକ୍ଷୀଗୋପାଳ, ୩୦।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ଅଁଳାନବମୀ ତିଥିରେ ଶୁକ୍ରବାର ପୁରୀ ଜିଲାର ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେହିପରି ଏହିଦିନ ଶ୍ରୀରାଧା ଠାକୁରାଣୀ ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ଦର୍ଶନ ଦେବେ। ଏଥିପାଇଁ ଗୁରୁବାର ସକାଳୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ବେଢ଼ା ଓ ସିଂହଦ୍ୱାରରେ ଝୋଟିରେ ରଙ୍ଗୋଲି କରାଯାଇଛି। ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ରଙ୍ଗିନ ଆଲୋକରେ ସଜାଯାଇଛି। ଓଡ଼ିଆଣୀ ଓ ନଟବର ବେଶ ପାଇଁ ମନ୍ଦିର ରିଜର୍ଭ ଭଣ୍ଡାରରୁ ସ୍ୱର୍ଣ୍ଣ ଅଳଙ୍କାରମାନ କଢାଯାଇ ଦୈନିକ ପାଳିଆ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି। ଠାକୁରଙ୍କ ପହୁଡ଼ ନୀତି ଶୀଘ୍ର କରାଯାଇ ରାତି ୧୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ ସହ ମଙ୍ଗଳ ଆଳତି ଆଦି ଦେବନୀତି ଆରମ୍ଭ କରାଯାଇଛି।

# ମହିଳାଙ୍କୁ ମୃତ ଭାବି ରାତିସାରା ଜଗି ରହିଲା ପୋଲିସ

**ବୌଦ୍ଧ,୩୦।୧୦ (ଅଜିତ କୁମାର ବାରିକ)**

**ହତ୍ୟା ସନ୍ଦେହ କରି ତଥ୍ୟ ଦେବାକୁ ଗାଁରେ ମରାଗଲା ନୋଟିସ**


ନୋଟିସ
ଆପଣଙ୍କ ଅଞ୍ଚଳରେ ଘଟିଥିବା ଲକ୍ଷ୍ମୀପ୍ରିୟା ନାଏକ ର ମୋର୍ଡର କେସର ତଦନ୍ତରେ କୌଣସି ତଥ୍ୟ ଦେବାକୁ ଚାହୁଁଥିଲେ ପୋଲିସ କୁ ୭୦୦୮୭୦୪୫୯୮ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ।
ତଥ୍ୟ ପ୍ରଦାନକାରୀଙ୍କର ନାମ ଓ ଠିକଣା ଗୋପନୀୟ ରଖାଯିବା ସହ ଉପଯୁକ୍ତ ଭାବେ ପୁରସ୍କୃତ କରାଯିବ।
ଆପଣଙ୍କ
ଆଦର୍ଶ ଥାନା ଅଧିକାରୀ ବୌଦ୍ଧ

ଗିରାସିଙ୍ଗା ଗ୍ରାମରେ ପୋଲିସ ନୋଟିସ ମାରିଛି।



ଥାନାରେ ଲକ୍ଷ୍ମୀପ୍ରିୟା ନାଏକ।

**ଅଜବ ଘଟଣା**

ବୌଦ୍ଧ ଥାନା ଅଞ୍ଚଳରେ ଗତ ବୁଧବାର ଏକ ଅଜବ ଘଟଣା ଘଟିଛି। ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଭାବି ପୋଲିସ ରାତିସାରା ଜୀବିତ ମହିଳାଙ୍କ ସନ୍ଦେହଜନକ ମୃତଦେହକୁ ଜଗି ରହିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏପଟେ ଗୁରୁବାର ସକାଳୁ ମହିଳା ଜଣଙ୍କ ଘଟଣାସ୍ଥଳରୁ ଉଠିବା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା।

ସୂଚନା ଅନୁସାରେ, ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମର ଲକ୍ଷ୍ମୀପ୍ରିୟା ନାୟକ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ନାୟକ ବୁଧବାର ସନ୍ଧ୍ୟାରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗିରାସିଙ୍ଗା ଗ୍ରାମକୁ ଯାଇ ଉକ୍ତ ମହିଳାଙ୍କୁ ଖୋଜାଖୋଜି କରିବା ବେଳେ ଲକ୍ଷ୍ମୀପ୍ରିୟା ଘର ନିକଟରେ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରି ପୋଲିସ ରାତିସାରା ଜଗି ରହିଥିଲା। ଏହା ସହ ପୋଲିସ ଗ୍ରାମର ବିଭିନ୍ନ ସ୍ଥାନରେ ନୋଟିସ ଲଗାଇଥିଲା। ଲକ୍ଷ୍ମୀପ୍ରିୟା ନାଏକ ମର୍ଡର କେସ୍‌ର ତଦନ୍ତରେ କୌଣସି ତଥ୍ୟ ଦେବାକୁ ଚାହୁଁଥିଲେ ପୋଲିସକୁ ୭୦୦୮୭୦୪୫୯୮ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। ତଥ୍ୟ ପ୍ରଦାନକାରୀଙ୍କ ନାମ ଓ ଠିକଣା ଗୋପନ ରଖାଯିବା ସହ ଉପଯୁକ୍ତ ପୁରସ୍କାର ପ୍ରଦାନ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ଗୁରୁବାର ସକାଳୁ ପୋଲିସର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଲକ୍ଷ୍ମୀପ୍ରିୟାଙ୍କ ଗୋଡ଼ ହାତ ହଲିଥିଲା। ପରେ ପୋଲିସ ଉକ୍ତ ମହିଳା ଜୀବିତ ଥିବା ଜାଣି ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସିତ ହୋଇ ଲକ୍ଷ୍ମୀପ୍ରିୟା ସୁସ୍ଥ ଅନୁଭବ କରିବା ପରେ ପୋଲିସ ଥାନାକୁ ନେଇ ପଚରାଉଚୁରା କରିଥିଲା। ବୌଦ୍ଧ ପୋଲିସ ଏକ ମାମଲା (ନଂ.୪୧୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ, ମହିଳା ଜଣଙ୍କ ଯେପରି ଘଟଣାସ୍ଥଳରେ ପଡିରହିଥିଲା ତାଙ୍କୁ ଦେଖିବା ପରେ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ତେଣୁ ପୋଲିସ କର୍ମଚାରୀ ରାତିସାରା ଜଗି ରହିଥିଲେ ଓ ସକାଳୁ ସାଇଣ୍ଟିଫିକ୍ ଟିମ୍ ଦେଖିବା ପରେ ମହିଳା ଜଣଙ୍କ ଜୀବିତ ଥିବା ଜଣାପଡିଥିଲା। ଏହାସହ ମହିଳାଙ୍କୁ କିଏ ପଛରୁ ଆଘାତ ଦେଇଥିବା ଯୋଗୁ ସେ ଅଚେତ ହୋଇପଡିଥିବା ଦାସ କହିଥିଲେ।

# ପୁରୀ, ଭୁବନେଶ୍ୱରରେ ବିକଶିତ ହେବ ମଡ୍ୟୁଲାର ରେଳଯାତ୍ରୀ ଧାରଣ କ୍ଷେତ୍ର

**ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)**

ଦେଶର ବିଭିନ୍ନ ରେଳ ଷ୍ଟେଶନରେ ୭୬ଟି ମଡ୍ୟୁଲାର ଯାତ୍ରୀ ଧାରଣ କ୍ଷେତ୍ର ବିକାଶ ପାଇଁ ଏକ ଯୋଜନାକୁ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଯାତ୍ରୀ ଧାରଣ କ୍ଷେତ୍ରର ସଫଳତା ପରେ ଏହି ପଦକ୍ଷେପ ନିଆଯାଇଛି। ଦେଶବ୍ୟାପୀ ଯୋଜନା କରାଯାଇଥିବା ନୂଆ ଧାରଣ କ୍ଷେତ୍ରଗୁଡ଼ିକ ମଡ୍ୟୁଲାର ଡିଜାଇନ ଅନୁସରଣ କରିବ ଏବଂ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯିବ। ଏହି କ୍ରମରେ ପୂର୍ବତଟ ରେଳପଥ ଅଧୀନରେ ଭୁବନେଶ୍ୱର, ପୁରୀ ଓ ବିଶାଖାପାଟଣାରେ ଏହି ଯାତ୍ରୀ ଧାରଣ କ୍ଷେତ୍ର ବିକାଶ କରାଯିବ। ସମସ୍ତ ଧାରଣ କ୍ଷେତ୍ର ୨୦୨୬ ପାର୍ବଣ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହେବା ପାଇଁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ଦୀପାବଳି ଓ ଛଟ୍ ସମୟରେ ନୂଆଦିଲ୍ଲୀ ରେଳ ଷ୍ଟେଶନ ଅତ୍ୟଧିକ ଯାତ୍ରୀ ଭିଡ଼କୁ ତା'ର ନୂଆ ବିକଶିତ ଧାରଣ କ୍ଷେତ୍ର ସାହାଯ୍ୟରେ ପରିଚାଳନା କରିଥିଲା। ଏହି ଧାରଣ କ୍ଷେତ୍ରର ନିର୍ମାଣ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା। ଏହା ଯେକୌଣସି ସମୟରେ ପ୍ରାୟ ୭,୦୦୦ ଯାତ୍ରୀଙ୍କୁ ଧାରଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ବୋର୍ଡିଂ ପୂର୍ବରୁ ସୁବିଧା ଏବଂ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଏଠାରେ ପୁରୁଷ ଓ ମହିଳାଙ୍କ ପାଇଁ ୧୫୦ଟି ଲେଖାଏ ଶୌଚାଳୟ, ଟିକେଟ କାଉଣ୍ଟର, ସ୍ୱୟଂଚାଳିତ ଟିକେଟ ବିକ୍ରୟ ଯନ୍ତ୍ର ଏବଂ ମାଗଣା ଆରଓ ଜଳ ସୁବିଧା ଉପଲବ୍ଧ ରହିଛି। ଏହି ସୁବିଧା ଯାତ୍ରୀ ଚଳନକୁ ସୁଗମ କରିବା ପାଇଁ ୩ଟି ଜୋନ୍ ଟିକେଟିଂ, ପୋଷ୍ଟ-ଟିକେଟିଂ ଏବଂ ପ୍ରି-ଟିକେଟିଂରେ ବିଭକ୍ତ ହୋଇଛି।

# ପରଲୋକରେ ବରିଷ୍ଠ ନେତା ଶଙ୍କର୍ଷଣ ପରିଡ଼ା

**ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)**

- **ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦିଆଗଲା ଶ୍ରଦ୍ଧାଞ୍ଜଳି**
- **ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**



ବରିଷ୍ଠ ରାଜନେତା ତଥା ଭାଜପା ପଞ୍ଚାୟତ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡ଼ା (୬୫)ଙ୍କ ଗୁରୁବାର ବିୟୋଗ ଘଟିଛି। ତାଙ୍କ ବିୟୋଗରେ ରାଜ୍ୟ ଭାଜପା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶୋକ ପ୍ରକାଶ କରିବା ସହିତ ପରିଡ଼ାଙ୍କ ବିୟୋଗ ରାଜ୍ୟ ରାଜନୀତି ଓ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ପରିଡ଼ା ପୁରୀ ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ରହିଥିଲେ। ପୁରୀ ଜିଲାର ସେ ଜଣେ ଜଣାଶୁଣା ଚେହେରା ଥିଲେ। ତାଙ୍କ ପାର୍ଥିବ ଶରୀର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପତାକା ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ସ୍ୱର୍ଗତ ପରିଡ଼ାଙ୍କ ସମର୍ଥକ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ପରିଡ଼ାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରଲୋକ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତ ପରିଡ଼ା କିଛିଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କର ଚିକିତ୍ସା ଚାଲିଥିଲା।

# ସୌରଶକ୍ତି ପାନୀୟ ଜଳ ପ୍ରକଳ୍ପ ଅଚଳ

## ରକ୍ଷଣାବେକ୍ଷଣ ଅର୍ଥ ବିନିଯୋଗରେ ଅନିୟମିତତା

**ଯାଜପୁର,୩୦।୧୦(ହର୍ଷବର୍ଦ୍ଧନ ବେହେରା):**

ଗ୍ରାମାଞ୍ଚଳରେ ନିର୍ମାଣ ହୋଇଥିବା ହ୍ୟାଣ୍ଡପମ୍ପ ଟ୍ୟୁବୱେଲରେ ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ପ୍ରାୟ ଅଚଳ ହୋଇପଡ଼ିଛି। ୧୦୦ ରୁ ୧୫/୨୦ଟି ପ୍ରକଳ୍ପ ଚାଲିଥିଲେ ହେଁ ସେଥିରୁ ନିୟମିତ ଭାବେ ଆବଶ୍ୟକ ପାଣି ବାହାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ପ୍ରକଳ୍ପ ବାବଦକୁ ଖର୍ଚ୍ଚ ହୋଇଥିବା ପ୍ରାୟ ୪ ଲକ୍ଷ ଟଙ୍କା ପାଣିରେ ପଡ଼ିଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍ଏସ୍) ବିଭାଗ ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି(ଓରେଡା)କୁ ପର୍ଯ୍ୟାୟକ୍ରମେ ଅଚଳ ପ୍ରକଳ୍ପଗୁଡ଼ିକର ମରାମତି ଦାୟିତ୍ୱ ଦିଆଯାଇଥିଲେ ହେଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏଭଳି ପରିସ୍ଥିତି ହୋଇଥିବା ଅଭିଯୋଗ ହୋଇଛି।

ରାଜ୍ୟର ସମସ୍ତ ଜିଲାର ସୌରଚାଳିତ ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ଆରଡବ୍ଲ୍ୟୁଏସ୍ଏସ୍‌କୁ ହସ୍ତାନ୍ତର କରିବାକୁ ୨୦୨୧ ଜାନୁଆରୀରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତତ୍କାଳୀନ ନିର୍ଦ୍ଦେଶକ ବି.ପରିମେଶ୍ୱରନ ନିର୍ଦ୍ଦେଶ ଦେଇଥିଲେ। ପରିବର୍ତ୍ତୀ ସମୟରେ ତତ୍କାଳୀନ ସରକାର ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରି ପୁଣି ଓରେଡା ସଂସ୍ଥାକୁ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଦେଇଥିଲେ। ଯଦ୍ୱାରା ବର୍ତ୍ତମାନ ପ୍ରାୟ ୯୦% ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବା ଗ୍ରାମବାସୀଙ୍କ ନିକଟରୁ ସୂଚନା ମିଳିଛି। ୨୦୨୦ ଡିସେମ୍ବରରେ କଷ୍ଟମର ରିଲେସନଶିପ ସେଣ୍ଟର(ସିଆରସି)ର ରିପୋର୍ଟ ଅନୁଯାୟୀ ରାଜ୍ୟର ୭୭୪ ନଳକୂପରେ ସୌର ଚାଳିତ ପମ୍ପ ପ୍ରକଳ୍ପ ଅଚଳ ହୋଇପଡ଼ିଥିଲା। ୨୦୧୩-୧୪ରୁ ୨୦୧୯-୨୦ ମଧ୍ୟରେ ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ଓରେଡା ଦ୍ୱାରା ପର୍ଯ୍ୟାୟକ୍ରମେ ୧୩,୨୦୧୯ଟି ପ୍ରକଳ୍ପ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ଆହୁରି ପ୍ରକଳ୍ପ ନିର୍ମାଣ ହୋଇଥିବା ସୂଚନା ମିଳିଛି। ଏଥିପାଇଁ ବିପୁଳ ଅର୍ଥ ଶ୍ରାଦ୍ଧ ହୋଇଥିବାବେଳେ ସେଗୁଡିକ ମଧ୍ୟରେ ଅନେକ ମାସେ ବି ଚାଲି ପାରି ନ ଥିଲା। ଏହିସବୁ ଅଚଳ ପ୍ରକଳ୍ପ ଉପରେ ଆକାଉଣ୍ଟାଣ୍ଟ ଜେନେରାଲ ବା ଏଜି(ଅଡିଟ) ଆରଡବ୍ଲ୍ୟୁଏସଏସର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ରିପୋର୍ଟ ତଲବ କରିଥିଲେ। ଏହିକ୍ରମରେ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିଥିବା ଓରେଡାର ବିନିଯୋଗ ପତ୍ର(ୟୁସି) ଅନୁଯାୟୀ ପ୍ରକଳ୍ପଗୁଡିକର ସବିଶେଷ ରିପୋର୍ଟ ଦେବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ୨୨।୧୨।୨୦୨୦ରେ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ଏହାବାଦ ୨୦୧୯ ଡିସେମ୍ବର ପରେ ପାଇଥିବା ଅନୁଦାନକୁ ଓରେଡା ନିଶ୍ଚିତ ଭାବେ ଫେରାଇବାକୁ ବ୍ୟବସ୍ଥା କରିବେ ବୋଲି ତତ୍କାଳୀନ ନିର୍ଦ୍ଦେଶକ ପରମେଶ୍ୱରନ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଥିଲେ।

ଆରଡବ୍ଲ୍ୟୁଏସ୍ଏସ୍‌ର ଇଞ୍ଜିନିୟର-ଇନ-ଚିଫ ୯।୨।୨୦୨୧ରେ ସମସ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଏନେଇ ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୪୧୪ ଅଚଳ ପ୍ରକଳ୍ପ ମରାମତି କରିବାକୁ ମଞ୍ଜୁର ହୋଇଥିଲା। ଅଚଳ ପ୍ରକଳ୍ପଗୁଡ଼ିକର ସର୍ଭେ କରିବାକୁ ୧୩ଟି ଭେଣ୍ଡରଙ୍କୁ ନିଯୁକ୍ତି ମିଳିଥିଲା। ସେତେବେଳେ ମରାମତି ପାଇଁ ୩ କୋଟି ୫୬ ଲକ୍ଷ ୮୫ ହଜାର ୯୫୪ଟଙ୍କା ଖର୍ଚ୍ଚ ହେବ ବୋଲି ଓରେଡା ପକ୍ଷରୁ ଆକଳନ ହୋଇଥିଲା। ହେଲେ ଆଜି ଯାଏ କୌଣସି ଅଚଳ ପ୍ରକଳ୍ପର ମରାମତି ହୋଇ ନାହିଁ କିମ୍ବା ନୂତନ ପ୍ରକଳ୍ପ ନିର୍ମାଣ ହୋଇ ନ ଥିବା ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଅର୍ଥ କୁଆଡେ ଗଲା ବୋଲି ଅଞ୍ଚଳବାସୀ ଏବେ ପ୍ରଶ୍ନ କରୁଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ଲୋକ ଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସଏସର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ସୋଲାର ପ୍ରକଳ୍ପ ନିର୍ମାଣର ପ୍ରଥମ ଦୁଇ ବର୍ଷ ଓରେଡା ପକ୍ଷରୁ ରକ୍ଷଣାବେକ୍ଷଣ କରାଯାଉଛି। ଏହାପରେ ଆରଡବ୍ଲ୍ୟୁଏସ୍ଏସ୍ ଦ୍ୱାରା ମରାମତି କରି ସଂପୃକ୍ତ ଅଞ୍ଚଳବାସୀଙ୍କ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଯେଉଁ ପ୍ରକଳ୍ପଗୁଡିକୁ ଅଚଳ ରହିଛି ତାହାର ଖୁବ୍‌ଶୀଘ୍ର ମରାମତି କରାଯିବ।


ସୋଲାର ପାନୀୟଜଳ ପ୍ରକଳ୍ପ।

## ଗଛ ପଡ଼ି ଭାଙ୍ଗିଲା ଅଙ୍ଗନୱାଡି କେନ୍ଦ୍ରଗୃହ



**ଚଣ୍ଡିଖୋଲ,୩୦।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ସିଡିପିଓ କାର୍ଯ୍ୟାଳୟ ଅଧୀନ ରଇପୁର ଗ୍ରାମର ୫ନଂ. ୱାର୍ଡ ଦଳିତ ସାହି ନିକଟରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୃହ ଉପରେ ବୁଧବାର ରାତିରେ ଏକ ପୁରୁଣା ବରଗଛ ଉପୁଡ଼ି ପଡ଼ିଛି। ଫଳରେ ଅଙ୍ଗନୱାଡି କେନ୍ଦ୍ର ଗୃହର କାନ୍ଥ ଭାଙ୍ଗିଯାଇଛି। ଗୁରୁବାର ବରୁଆଁ ଅଗ୍ନିଶମ ବାହିନୀ ପହଞ୍ଚି ଡାଳ କାଟି ସଫା କରିଛନ୍ତି। ତେବେ ରାତିରେ ଏହି ଘଟଣା ଘଟିଥିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ପୁରୁଣା ଗଛ ହୋଇଥିବାରୁ ମୂଳ ଓ ଚେର ପଚି ନଷ୍ଟ ହୋଇଯାଇଥିଲା। ଦୁଇଦିନ ଧରି ବାତ୍ୟା ମନ୍ଥା ପ୍ରଭାବରେ ଲାଗିରହିଥିବା ଲଗାଣ ବର୍ଷା ଯୋଗୁ ଗଛଟି ମୂଳରୁ ଉପୁଡ଼ି ପଡ଼ିଥିଲା।

## ଯାଜପୁର ପୁସ୍ତକମେଳାର ପ୍ରସ୍ତୁତି ବୈଠକ

**ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳାର ପ୍ରଥମ ପ୍ରସ୍ତୁତି ବୈଠକ ସଭାପତି ସନ୍ତୋଷ ନନ୍ଦଙ୍କ ପୌରୋହିତ୍ୟରେ ଜିଲା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ପଡ଼ିଆଠାରେ ଚଳିତ ବର୍ଷ ପୁସ୍ତକମେଳା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଓଡିଶା ଟେଷ୍ଟ ବୁକ୍ ପ୍ରେସ୍, ରାଜ୍ୟ ଏବଂ ଜିଲାର ପୁସ୍ତକ ପ୍ରକାଶନ, ବିକ୍ରେତାମାନଙ୍କୁ ଡିସେମ୍ବର ୨୩ରୁ ୩୦ ପର୍ଯ୍ୟନ୍ତ ମେଳା ସମ୍ପର୍କରେ ଜଣାଇବା ପାଇଁ ଆଲୋଚନା ହୋଇଛି। ମେଳାରେ ୧୦୦ଟି ଷ୍ଟଲ୍ କରାଯିବାର ଯୋଜନା ରହିଛି। ଜିଲାର ସମସ୍ତ ବିଭାଗ ଏବଂ ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳଙ୍କୁ ସାହିତ୍ୟ ସଂସଦ ପକ୍ଷରୁ ଅବଗତ କରାଯାଇଛି। ମେଳା ସମ୍ପର୍କରେ ଜିଲାର ସମସ୍ତ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ, ସମସ୍ତ ହାଇସ୍କୁଲ ଓ ମଧ୍ୟ ଇଂରାଜୀ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଅବଗତ କରାଯିବ। ପ୍ରତ୍ୟେକ ଦିନ ବିଶିଷ୍ଟ ଅତିଥିଙ୍କୁ ନେଇ ସାଧାରଣ ସଭା ସହ ଆଲୋଚନା ଚକ୍ର, କବିତା ପାଠ ଉତ୍ସବ, ବ୍ୟଙ୍ଗକବିତା, ନୃତ୍ୟ, କୁଇଜ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ ଆଦି ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି।

ଏହି ଅବସରରେ ମରିସସରୁ ଆସିଥିବା ଯାଜପୁରର ବଂଶଜ ରାମରୂପ ଜଗନ୍ନାଥ ଦାସ ନିଜ ପୂର୍ବଜମାନଙ୍କ ଜନ୍ମ ସ୍ଥାନ ଗଣେଶ୍ୱରପୁର ପରିଦର୍ଶନ କରିବାପରେ ତାଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୈଠକରେ ସମ୍ପାଦକ କାହ୍ନୁଚରଣ ମିଶ୍ର, ଉପସଭାପତି ବିଭୂତି ମହାପାତ୍ର, ହୃଷୀକେଶ ପତି, ଅନୁସୟା ମିଶ୍ର, ବିନୋଦ ବିହାରୀ ନାୟକ, ଉଦୟ ନାରାୟଣ ପରିଡ଼ା, ସୁଧାଂଶୁ ରଥ, ଅନିଲ ମହାନ୍ତି, ସଂଗ୍ରାମ ସାହାଣୀ, ସୁବାସ ମହାପାତ୍ର, ଗିରିଶ ବିହାରୀ ମିଶ୍ର, ଅଶୋକ ଦାଶ, ମଧୁସୂଦନ ଜେନା, ବିଜୟ ମହାପାତ୍ର, ରବି ଦାସ, ଅକ୍ଷୟ ମୋହନ ଦାସ, ମନୋଜ ନାଥ, ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମିଡିଆ ସଂଯୋଜକ ଆଦିତ୍ୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଜପା ଯୁବ ସଙ୍ଗଠନ ପକ୍ଷରୁ ସହାୟତା

**କାଏମା,୩୦।୧୦(ଶିବ ପ୍ରସାଦ ମହାନ୍ତି):**

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଭାଜପା ଯୁବ ସଙ୍ଗଠନ କମକର୍ତ୍ତା ବିଭିନ୍ନ ଗ୍ରାମ ଗସ୍ତକରି ସାଙ୍ଗଠନିକ ଆଲୋଚନା କରିବା ସହ ଅସହାୟମାନଙ୍କୁ ସହାୟତା କରିଛନ୍ତି। ନିର୍ବାଚନମଣ୍ଡଳୀର ଯୁବସଙ୍ଗଠକ ରାଜେଶ ପାଳଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ମହିଶରା ପଞ୍ଚାୟତରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ପରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ଉକ୍ତ ପଞ୍ଚାୟତ ବରଡ଼ା ଗ୍ରାମରେ ମୃତ୍ୟୁବରଣ କରିଥିବା କାଶିଆ ମଲିକଙ୍କ ପରିବାର, ଡଙ୍କାରୀ ଗ୍ରାମର ଅସହାୟ ରମ୍ଭା ଦାସଙ୍କ ପରିବାର, ରମ୍ପେଇ ଗ୍ରାମରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଅଭିମନ୍ୟୁ ବେହେରା, ପକ୍ଷାଘାତ ରୋଗରେ ଆକ୍ରାନ୍ତ ଏହି ଗ୍ରାମର ଚଗଲି ଦେଉରୀଙ୍କ ପରିବାର ଓ ବରଡ଼ା ଗ୍ରାମସ୍ଥିତ ମୁଚିସାହିର ରୋଗାଗ୍ରସ୍ତ ଅଲିଆ ଦେଉରୀଙ୍କୁ ଭେଟି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜେନାପୁର ଭାଜପା ମଣ୍ଡଳ ସଭାପତି ଶିବୁଲି ଧୀର, ତୀର୍ଥରାଜ ପଣ୍ଡା, ପ୍ରଦୀପ କୁମାର ପରିଡ଼ା, ମିରାକିଲ ବେହେରା, କାଳନ୍ଦୀ ମଲିକ, ବିଶ୍ୱରଞ୍ଜନ ବଳ, ଚନ୍ଦ୍ର ଶେଖର ଜେନାମଣି, ରାଜେଶ ଜେନା, ପ୍ରକାଶ ସାମଲ, ବିଶ୍ୱଜିତ ପୃଷ୍ଟି, ଲୋକନାଥ ମହାନ୍ତି, ଗୌତମ ସାହୁ ଓ ଅଂଶୁମାନ ରଥ ପ୍ରମୁଖ ଶତାଧିକ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଓ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।


ଜଣେ ଅସହାୟ ମହିଳାଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ତମାଖୁ, ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ଉପରେ ଚଢ଼ାଉ


ତମାଖୁ ବିକ୍ରିହେଉଥିବା ଏକ ଦୋକାନରେ ଚଢ଼ାଉ କରାଯାଉଛି।

**ଯାଜପୁର,୩୦।୧୦ (ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲା ସ୍ୱାସ୍ଥ୍ୟ, ଖାଦ୍ୟ, ଡ୍ରଗ୍ସ କଣ୍ଟ୍ରୋଲର, ପୋଲିସ ଓ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ପାଣିକୋଇଲି, ଧର୍ମଶାଳା, ବଡ଼ଚଣା, ଚଣ୍ଡିଖୋଲ ଓ ମହାବିନାୟକ ନିକଟସ୍ଥ ସ୍କୁଲ ଏବଂ କଲେଜ ପରିସରରେ ଗୁରୁବାର ତମାଖୁ ବିକ୍ରି ଉପରେ ଚଢ଼ାଉ କରାଯାଇଛି। ଶିକ୍ଷା ପ୍ରତିଷ୍ଠାନ ନିକଟରେ ଅବୈଧ ଭାବେ ତମାଖୁ ବିକ୍ରି କରୁଥିବା ଦୋକାନଗୁଡ଼ିକରୁ ମୋଟ ୪,୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳରେ ଚଢ଼ାଉ କରାଯାଇ ବ୍ୟବସାୟୀଙ୍କୁ ଖାଦ୍ୟ ସୁରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତା ନିୟମ ବିଷୟରେ ସଚେତନ କରାଯାଇଛି। ପ୍ରାୟ ୬୦ କିଲୋଗ୍ରାମ ଅପରିଷ୍କୃତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ନଷ୍ଟ କରାଯାଇଛି। ଯେଉଁ ବ୍ୟବସାୟୀ ଖାଦ୍ୟ ସୁରକ୍ଷା ଲାଇସେନ୍ସ ବିନା କାରବାର କରୁଥିଲେ ସେମାନଙ୍କୁ ନୋଟିସ ଜାରି କରାଯାଇଛି। ଏହି ଚଢ଼ାଉରେ ଡ୍ରଗ୍ସ କଣ୍ଟ୍ରୋଲର ସଞ୍ଜୟ କୁମାର ହାଁସଦା, ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଜିଲା ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ସସ୍ମିତା ରାଉତଙ୍କ ସମେତ ପାଣିକୋଇଲି ଓ ଚଣ୍ଡିଖୋଲ ପୋଲିସ କର୍ମଚାରୀ ଏବଂ ଯାଜପୁର ରୋଡ୍ ଏବଂ ଧର୍ମଶାଳା ଅବକାରୀ ବିଭାଗ ଟିମ ସାମିଲ ହୋଇଥିଲେ। କୋଟପା ଏନ୍‌ଫୋର୍ସମେଣ୍ଟ ଅଧୀନ ତମାଖୁ ମୁକ୍ତ ଯୁବ ଅଭିଯାନ ଓ ତମାଖୁ ମୁକ୍ତ ଶିକ୍ଷା ପ୍ରତିଷ୍ଠାନ କାର୍ଯ୍ୟକ୍ରମ ଅଧୀନରେ ଏହି ଚଢ଼ାଉ କରାଯାଇଥିଲା।

## ୨୨,୧୪୦ ଅଣସାକ୍ଷର ଦେଲେ ଉଲ୍ଲାସ ପରୀକ୍ଷା

**ଯାଜପୁର,୩୦।୧୦ (ହର୍ଷବର୍ଦ୍ଧନ ବେହେରା):**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଉଲ୍ଲାସ ପରୀକ୍ଷା-୨୦୨୫ ଯାଜପୁର ଜିଲା ଅନ୍ତର୍ଗତ ୧୦ ବ୍ଲକର ୨୮୯ ପରୀକ୍ଷା କେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ୨୨,୧୪୦ ଅଣସାକ୍ଷର ବ୍ୟକ୍ତି ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ବଡ଼ଚଣାର ୧୮ ପରୀକ୍ଷା କେନ୍ଦ୍ରରେ ୫୮୭ଜଣ, ବରୀର ୨୬ କେନ୍ଦ୍ରରେ ୩୭୧୮, ବିଞ୍ଝାରପୁରର ୩୮ କେନ୍ଦ୍ରରେ ୧୬୪୪ଜଣ, ଦାନଗଦିର ୨୪ଟି କେନ୍ଦ୍ରରେ ୪୦୬୧, ଦଶରଥପୁରର ୩୫ଟି କେନ୍ଦ୍ରରେ ୨୧୮୭, ଧର୍ମଶାଳାର ୧୯ଟି କେନ୍ଦ୍ରରେ ୭୭୮, ଯାଜପୁରର ୪୦ କେନ୍ଦ୍ରରେ ୧୯୦୭, କୋରେଇର ୩୬ଟି କେନ୍ଦ୍ରରେ ୧୩୦୧, ରସୁଲପୁରର ୧୮ଟି କେନ୍ଦ୍ରରେ ୧୦୦୦ ଓ ସୁକିନ୍ଦାର ୩୫ କେନ୍ଦ୍ରରେ ୪୯୫୭ ଜଣ ପରୀକ୍ଷା ଦେଇଛନ୍ତି। ଉକ୍ତ ପରୀକ୍ଷା ପ୍ରତ୍ୟେକ ବ୍ଲକର ବିଇଓଙ୍କ ତତ୍ତ୍ୱାବଧାନରେ କେନ୍ଦ୍ର ନିରୀକ୍ଷକଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଜିଲାସ୍ତରରେ ଜିଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ବିଜ୍ଞାନ ନିରୀକ୍ଷକ, ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ ଏବଂ ସିଆରସିମାନେ ବିଭିନ୍ନ କେନ୍ଦ୍ରର ନିରୀକ୍ଷଣ କରିଥିଲେ। ରାଜ୍ୟସ୍ତରରୁ ଡେପୁଟି ଡାଇରେକ୍ଟର ଜୟଶ୍ରୀ ଦୋରା ପର୍ଯ୍ୟବେକ୍ଷକ ରୂପେ ବିଭିନ୍ନ ପରୀକ୍ଷା କେନ୍ଦ୍ର ଗସ୍ତ କରି ପରୀକ୍ଷା ପରିଚାଳନାକୁ ତଦାରଖ କରିଥିଲେ।

## ନୂତନ ଶିକ୍ଷାନୀତି ସମ୍ପର୍କିତ କର୍ମଶାଳା

**ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ନୂତନ ଶିକ୍ଷାନୀତି ସମ୍ପର୍କିତ ଏକ କର୍ମଶାଳା ଜିଲା ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜ୍ୟ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଧର୍ମଶାଳା ବ୍ଲକ ସମ୍ପାଦକ ସଞ୍ଜୟ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ।

ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ଦାସ, ଯୁଗ୍ମସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ଶିକ୍ଷା ପ୍ରଦୀପର ସମ୍ପାଦକ ଶଙ୍କର ସୁବୁଦ୍ଧି, ପ୍ରାକ୍ତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ବେହେରା, ନିର୍ମଳ କୁମାର ଜେନା, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ନୃସିଂହ ଚରଣ ବେହେରା, ଅମୂଲ୍ୟ ଦାସ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ନୂତନ ଶିକ୍ଷାନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଓଷ୍ଟାର ସମ୍ପାଦକ ପବିତ୍ର ପଣ୍ଡା ବାର୍ଷିକ ବିବରଣୀ ଓ ଆୟବ୍ୟୟର ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲା ଶିକ୍ଷାଧିକାରୀ ଓ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସବିତା ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ ବ୍ଲକ୍‌ର ସମ୍ପାଦକ, ସଭାପତି, ସର୍କଲ କାଉନସିଲ ସଦସ୍ୟାସଦସ୍ୟ ଓ ଜିଲା କାର୍ଯ୍ୟକାରୀ କମିଟିର ସଦସ୍ୟାସଦସ୍ୟ ଅଂଶଗ୍ରହଣ କରିଥିଲେ। ପବିତ୍ରମୋହନ ଦାସ, ଅମିୟ ଜେନା, ମମତା ମିଶ୍ର, ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ରାଜକିଶୋର ପରିଡା, ଦିବ୍ୟଲୋଚନ ମହାପାତ୍ର, ସତ୍ୟରଞ୍ଜନ ମହାନ୍ତି, ମାନସ ରଞ୍ଜନ ସ୍ୱାଇଁ, ଶିବବ୍ରତ ପାଣି, ସୁଭ୍ରାଂଶୁ ନାୟକ, ରାଧାରମଣ ମହାରଣା, ଚିନ୍ମୟ ରଥ, ଅମୂଲ୍ୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସଂଗଠନର କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।


କର୍ମଶାଳାରେ ଯୋଗଦେଇଥିବା ଜିଲା ଓଷ୍ଟା ସଂଘର କର୍ମକର୍ତ୍ତା।

## ପ୍ରତ୍ୟେକ ନାଗରିକ ସଚେତନ ରହିବାକୁ ପରାମର୍ଶ

### ଯାଜପୁର ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଯାଜପୁର ସଦର,୩୦।୧୦ (ସମର ବିଜୟ ଶରଣ):**

ଯାଜପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବରୁଆଁଠାରେ ଯାଜପୁର ସଦର ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ପଦ୍ମଚରଣ ସେଠୀ ଅଧ୍ୟକ୍ଷତା କରି ସାଇବର ଅପରାଧ ରୋକିବା ପାଇଁ ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ପାଇଁ ଆହ୍ୱାନ କରିଥିଲେ। ଯାଜପୁର ସଦର ଥାନା ଅଧିକାରୀ ଚିନ୍ମୟୀ ବେହେରା ଯୋଗଦେଇ ସାଇବର ଠକେଇ ଓ ଏହାର ସୁରକ୍ଷା ଦିଗରେ ପ୍ରତ୍ୟେକ ନାଗରିକ ସଚେତନ ରହିବା ସହ ଅନ୍ୟକୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ ଯୋଗଦେଇ ବିଭିନ୍ନ ସାଇବର ଠକେଇ ଯଥା; ଡିଜିଟାଲ ଆରେଷ୍ଟ, ନିବେଶ, ଟ୍ରେଡିଂ, ପାର୍ସଲ/କଷ୍ଟମସ, ସେକ୍ସ ଟୋର୍ସନ, ନକଲି ଋଣ, ନକଲି ପରିଚୟ, ଓଟିପି, ଚାକିରି, ଇ-କମର୍ସ ରିଫଣ୍ଡ/ଅଫର ଆଦି ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଯଦି କୌଣସି ବ୍ୟକ୍ତି ଏଭଳି ଠକେଇର ଶିକାର ହେଲେ ସାଇବର କ୍ରାଇମ ହେଲ୍ପ ଲାଇନ ନମ୍ବର ୧୯୩୦କୁ ଫୋନ ମାଧ୍ୟମରେ ଜଣାଇବାକୁ ମାଝୀ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ସ୍ୱାଗତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦର ଥାନା ଏଏସ୍ଆଇ ରଞ୍ଜିତା ମହାରଣା, ଏଏସ୍ଆଇ ସୁଶାନ୍ତ ଦାଶ, ପୋଲିସ କର୍ମଚାରୀ ବିଜୟ ସେଠୀ, ଅଭୟ ଜେନା, ନିତ୍ୟାନନ୍ଦ ଦାଶ, ହରିହର ଜାମଦା, ତପନ ସାମଲ, ସତୀନା ବେହେରା, ରୀନାରାଣୀ ମଲିକ, ମାନସ ରଞ୍ଜନ ମୁଣ୍ଡା ଓ ଶିଳ୍ପ ତାଲିମ ଅନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନୁଷ୍ଠାନର କର୍ମଚାରୀ ତ୍ରିଲୋଚନ ସାହୁ, ଦିଲୀପ ସାମଲ, ସାଗର ଗୋଛାୟତ, ଜଗନ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଟ୍ରେନିଂ ଅଫିସର ବିଭୂତ ଭୂଷଣ ଆଇଚ ଧନ୍ୟବାଦ ଦେଇଥିଲେ।



ସାଇବର ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୋଲିସ ଅଧିକାରୀ ଓ ଅନ୍ୟମାନେ।

# କେନ୍ଦ୍ରାପଡ଼ା କୁଜି ମେଣ୍ଢା ସଂରକ୍ଷଣରେ ଅଣଦେଖା

କେନ୍ଦ୍ରାପଡ଼ା, ୩୦।୧୦ (ଜଗନ୍ନାଥ ଧଳ)

- ଫେକ୍ ବି ଜିନ୍ ଥିବାରୁ ୨୦୧୬ରେ ମାନ୍ୟତା
- ଅଜଣା ଜନ୍ତୁଙ୍କ ଆକ୍ରମଣ ମୃତ୍ୟୁରେ ମିଳୁନି କ୍ଷତିପୂରଣ
- କମୁଛି ଚାରଣ ଭୂମି, ମିଳୁନି ସରକାରୀ ପ୍ରୋତ୍ସାହନ

କେନ୍ଦ୍ରାପଡ଼ା ଜିଲାର କୁଜିମେଣ୍ଢାକୁ ଦ୍ରୁତଗତିରେ ସନ୍ତାନ ଉତ୍ପାଦ କ୍ଷମତା ପାଇଁ ଜାତୀୟସ୍ତରରେ ମାନ୍ୟତା ମିଳିଛି। ଫେକ ବି ଜିନ୍ ଥିବା ଏହି ଗୃହପାଳିତ ପ୍ରାଣୀର ସଂରକ୍ଷଣ ସହ ଉଚ୍ଚତର ଗବେଷଣା ଆବଶ୍ୟକ। କେନ୍ଦ୍ରାପଡ଼ା ମେଣ୍ଢା ଜାତୀୟସ୍ତରରେ ୨୦୧୬ରୁ ମାନ୍ୟତା ପାଇଥିବାବେଳେ ଏହାକୁ ନେଇ ରାଜ୍ୟ ସରକାର ସମ୍ବେଦନଶୀଳ ନୁହନ୍ତି। ସଂରକ୍ଷଣ ଓ ଗବେଷଣା ପାଇଁ ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ବିଞ୍ଝାରପୁରୀ ଗାଈ ଓ ବାଛୁରୀଙ୍କୁ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ପ୍ରାଣୀ ସମ୍ପଦ ବିଭାଗକୁ ଦିଆଯାଇଥିବା ବେଳେ କେନ୍ଦ୍ରାପଡ଼ା ମେଣ୍ଢା ପ୍ରତି ଅଣଦେଖା କରାଯାଇଛି। ଅପରପକ୍ଷରେ ୨୦୨୧ ଓ ୨୦୨୩ରେ ଅଜଣା ଜନ୍ତୁଙ୍କ ଆକ୍ରମଣରେ ୬୦ରୁ ଉର୍ଦ୍ଧ୍ୱ ମେଣ୍ଢାଙ୍କ ଜୀବନ ଯାଇଥିଲେ ମଧ୍ୟ ଚାଷୀଙ୍କୁ କ୍ଷତିପୂରଣ ଏଯାବତ ମିଳିନାହିଁ। ସେହିପରି ଦ୍ରୁତ ଜନସଂଖ୍ୟା ବୃଦ୍ଧି ଫଳରେ ଚାରଣଭୂମି ଏବେ ଜବରଦଖଲକୁ ଚାଲିଯାଉଛି। ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ କୁଜିମେଣ୍ଢା ଜିଲା ଅର୍ଥନୀତିରେ ସାମିଲ ହୋଇପାରୁ ନ ଥିବା ଜିଲାର ଚାଷୀ, ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ସମ୍ପର୍କରେ କଂସାର ଗ୍ରାମର ମେଣ୍ଢା ଚାଷୀ ନିରଞ୍ଜନ ପରିଡା କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିରେ ଛେଳି, ମେଣ୍ଢା, ଗାଈ, କୁକୁଡ଼ା ଆଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିପଦ ଆପଦ ସମୟରେ ଏହି ପ୍ରାଣୀ ସାହା ହୋଇଥାନ୍ତି। ମେଣ୍ଢା ଚାଷ ଲାଭଦାୟକ। ମାତ୍ର ଏ ନେଇ ସରକାରୀ ପ୍ରୋତ୍ସାହନ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ସେହିପରି ଗ୍ରାମାଞ୍ଚଳରେ ପାଳିତ ମେଣ୍ଢାଙ୍କ ବୀମା ନ ଥିବାରୁ ଦୁର୍ଘଟଣାଜନିତ ମୃତ୍ୟୁରେ କ୍ଷତିପୂରଣ ମିଳୁନାହିଁ। ୨୦୨୧ରେ ଡେରାବିଶ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୪୩ଟି ମେଣ୍ଢା ଅଜଣା ପଶୁର ଶିକାର ହୋଇଛନ୍ତି। ଜିଲାରେ ଏପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ମେଣ୍ଢାଙ୍କ ମୃତ୍ୟୁ କ୍ଷେତ୍ରରେ କ୍ଷତିପୂରଣ ମିଳି ନ ଥିବାବେଳେ ଚାରଣଭୂମିର ସମସ୍ୟା ଦେଖାଦେଇଛି। ମେଣ୍ଢା ଚାଷ ପାଇଁ ସହଜରେ ବ୍ୟାଙ୍କ ଋଣ ଓ ଚିକିତ୍ସା ସୁବିଧା ମିଳୁନାହିଁ। ବୁଦ୍ଧିଜୀବୀ ପ୍ରସନ୍ନ କୁମାର ଧଳ କହିଛନ୍ତି, ପ୍ରାଣୀଧନ ବିକାଶ ପାଇଁ କେନ୍ଦ୍ରର ରାଷ୍ଟ୍ରୀୟ କୃଷି ଯୋଜନା ଓ ରାଜ୍ୟ କୃଷି ବିଭାଗର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କେନ୍ଦ୍ରାପଡ଼ା ଜିଲାରେ ଏହା କାଗଜପତ୍ରରେ ସୀମିତ ହୋଇଛି। ପ୍ରତିବର୍ଷ ପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ୨୦୦୦ ମସିହା ଗଣନା ଅନୁଯାୟୀ ଜିଲାରେ ମୋଟ ୧୪,୮୪୫ ମେଣ୍ଢା ଥିବାବେଳେ ଏବେ ପ୍ରାୟ ୧୨ ପ୍ରତିଶତ ହ୍ରାସପାଇଛି। ମହାବାତ୍ୟା ପରେ ଜିଲା ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ଜିଲାବାସୀଙ୍କ ମଧ୍ୟରୁ ପ୍ରାୟ ୬୯ ପ୍ରତିଶତ ଚାଷକୁ ଆଦରି ଥିବାବେଳେ ୪୭ ପ୍ରତିଶତ କ୍ଷେତ ଓ ଗୃହପାଳିତ ପ୍ରାଣୀଙ୍କ ଉପରେ ଭରସା ରଖିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ତୃଣମୂଳ ଚାଷୀଙ୍କୁ ତାଲିମ, ଋଣ, ବଜାର ମଣ୍ଡି ଆଦି ବ୍ୟବସ୍ଥା କରାଗଲେ ମେଣ୍ଢା ଚାଷ ଜିଲାର ଅର୍ଥନୀତିରେ ସହଯୋଗୀ ହୋଇପାରିବ। ପ୍ରାଣୀବିଜ୍ଞାନ ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ କହିଛନ୍ତି, ୨୦୧୬ରେ କେନ୍ଦ୍ରାପଡ଼ା ମେଣ୍ଢାକୁ ପଶ୍ଚିମବଙ୍ଗର ଗାରୋଲ ମେଣ୍ଢା ପରେ ଫେକ ବି ଜିନ୍ ଥିବା ନେଇ ଜାତୀୟସ୍ତରରେ ମାନ୍ୟତା ମିଳିଛି। ଏହି ଜିନ୍ ଯୋଗୁ ଏକକାଳୀନ ୩ରୁ ୪ଟି ସନ୍ତାନ ମିଳିଥାଏ। ଏ ପ୍ରକାର ମେଣ୍ଢା ପ୍ରାୟ ୧୫ ମାସ ମଧ୍ୟରେ ସନ୍ତାନ ଉତ୍ପାଦନ କ୍ଷମତା ହାସଲ କରିଥିବା ବେଳେ ୧୫୦ ଦିନରେ ଛୁଆ ଜନ୍ମ କରିଥାନ୍ତି। ମେଣ୍ଢାଙ୍କ ମାଂସ, ଚମଡ଼ା, ଲୋମ ସହ ହାଡ଼କୁ ବିଭିନ୍ନ ଭାବେ ଉପଯୋଗ କରାଯାଇଥାଏ। ପ୍ରାପ୍ତବୟସ୍କଙ୍କ ଓଜନ ପ୍ରାୟ ୩୦ କେଜି ହୋଇଥିବାରୁ ଚାଷୀଙ୍କ ଆର୍ଥିକ ସ୍ଥିତି ପାଇଁ ସକ୍ଷମ ହୋଇଥାଏ। କୁଜି ମେଣ୍ଢାର ସଂରକ୍ଷଣ ଓ ପ୍ରୋତ୍ସାହନ ସମ୍ପର୍କରେ ସିଡିଭିଓ ଡା. ମନୋଜ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ଜିଲାର କୁଜିମେଣ୍ଢା ପ୍ରଜାତିକୁ ଜାତୀୟ ମାନ୍ୟତା ମିଳିଛି। ଏହି ପ୍ରଜାତି ସଂରକ୍ଷଣ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ଅଦ୍ୟାବଧି ନାହିଁ। ଗୃହପାଳିତ ପ୍ରାଣୀ ଓ ପକ୍ଷୀ ପାଳନ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଏଥିରେ ବହୁ ଚାଷୀ ସାମିଲ ହୋଇଛନ୍ତି ବୋଲି ସେ କହିଛନ୍ତି।



# ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ଅଧୀକ୍ଷଣ ଯନ୍ତ୍ରୀ



ଜିଲାପାଳ ଓ ଅଧିକାରୀମାନେ କ୍ଷତିଗ୍ରସ୍ତ ପଥର ବନ୍ଧର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ରାଜନଗର, ୩୦।୧୦ (ଭାସ୍କର ରାଉତରାୟ)

## ଜୁଆର ମାଡ଼ରେ କ୍ଷତିଗ୍ରସ୍ତ ପଥରବନ୍ଧ

ବାତ୍ୟା ମୋନ୍ଥା ପ୍ରଭାବରେ ଅଶାନ୍ତ ବଙ୍ଗୋପସାଗରର ପ୍ରଭାବ ଦେଖିବାକୁ ମିଳିଥିଲା କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ପେଣ୍ଠ ନିକଟରେ। ଉଚ୍ଚ ଜୁଆର ଉଠିବା ସହ ଜୁଆର ଜିଓ ସିନ୍ଥେଟିକ୍‌ୱାଲ ଉପରେ ଭୟଙ୍କର ଭାବେ ମାଡ ହୋଇଥିଲା। ଜୁଆର ମାଡ଼ ହେବା ଯୋଗୁ ସିନ୍ଥେଟିକ ୱାଲକୁ ସୁରକ୍ଷା ଦେବାକୁ ବାମ ଓ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପଥର ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସମୁଦ୍ରର ଉଚ୍ଚ ଜୁଆର ମାଡ଼ ହେବା ଫଳରେ କୂଳରେ ନିର୍ମାଣ ହୋଇଥିବା ପଥର ବନ୍ଧ ଧସିବା ସହିତ ତାରଜାଲି ଭିତରୁ ପଥରଗୁଡ଼ିକ ବାହାରି ଯାଇଥିଲା। ବନ୍ଧ ମଧ୍ୟ ଧୋଇ ହୋଇଯାଇଛି। ଜିଓ ସିନ୍ଥେଟିକ ୱାଲର ବାମ ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପଥରବନ୍ଧ କ୍ଷତିଗ୍ରସ୍ତ ହୋଇଛି। ଦକ୍ଷିଣ ପାର୍ଶ୍ୱରେ ପାଖାପାଖି ୫ ଫୁଟ ସମୁଦ୍ର ମଧ୍ୟକୁ ଏହି ପଥରବନ୍ଧ ଧସି ପଡିଛି। ସମୁଦ୍ରର ଏହି ଦୃଶ୍ୟ ଦେଖି କେବଳ ପେଣ୍ଠ ଗାଁର ଅଧିବାସୀ ନୁହନ୍ତି ସମଗ୍ର ରାଜନଗରବାସୀ ଭୟଭୀତ ହୋଇପଡିଛନ୍ତି। ଗୁରୁବାର କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାର, ଡିଏଫ୍‌ଓ ଭରଦରାଜ ଗାଓଁଙ୍କର, ଉପଜିଲାପାଳ ଅରୁଣ କୁମାର ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ, ଆଳି ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ କୁମାର ସାହୁ, ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ପହଞ୍ଚିଥଲେ। ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ଜିଓ ସିନ୍ଥେଟିକ ୱାଲ ଓ ପଥରବନ୍ଧର ସ୍ଥିତି ଅନୁଧ୍ୟାନ କରିଥିଲେ। ଜୁଆର ମାଡରେ ପଥରବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ଦେଖିବା ପରେ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଆସନ୍ତା ସପ୍ତାହରେ ମୁଖ୍ୟଯନ୍ତ୍ରୀ ପେଣ୍ଠରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଏହାର ମରାମତି କରାଯିବ ଓ ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧୀକ୍ଷଣଯନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି।

# ଆଳି ରିଂବନ୍ଧ ରାସ୍ତା ଶୋଚନୀୟ

ଆଳି, ୩୦।୧୦ (ବନମାଳୀ ସେନାପତି)

ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ପତ୍ରପୁର ନିକଟରୁ ନୂଆପଡ଼ା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ମରାମତି ଅଭାବରୁ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ତୁରନ୍ତ ଏହି ରାସ୍ତା ମରାମତି ନିମନ୍ତେ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ସୂଚନା ଅନୁଯାୟୀ ପତ୍ରପୁର ନିକଟରୁ ନୂଆପଡ଼ା ପର୍ଯ୍ୟନ୍ତ ଯାଇଥିବା ନଦୀ ବନ୍ଧ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ପିଚୁ କରି ନିର୍ମାଣ କରାଯାଇଛି। ଏହି ରାସ୍ତା ଉପରେ ପତ୍ରପୁର, ସହିରା, ବାଟିପଡା ସାନମଙ୍ଗ, ନୂଆପଡ଼ା ସମେତ ବ୍ଲକର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଯାତାୟାତ କରିଥାନ୍ତି। ଦୈନିକ ବହୁ ସାଧାରଣ ଲୋକଙ୍କ ସହ ବସ୍, ଟ୍ରକ୍ ଓ ଚାରିଚକିଆ ଯାନ ଚଳାଚଳ କରୁଛି। ରାସ୍ତାରେ ଥିବା ଖାଲଖମା ଯୋଗୁ ଦୁର୍ଘଟଣା ଘଟୁଛି। ଏପରିକି ଏହି ରାସ୍ତାରେ ଜରୁରିକାଳୀନ ସେବା ଯୋଗାଉଥିବ ଅଗ୍ନିଶମ ଓ ଆମ୍ବୁଲାନ୍ସ ଯାତାୟାତ କରୁଥିବା ବେଳେ ସମସ୍ୟା ଦେଖାଦେଉଛି। ଖାଲଖମା ରାସ୍ତା ସାଙ୍ଗକୁ ବୋଲ୍ଡର ରାସ୍ତା ଉପରେ ବିସ୍ତୀର୍ଣ୍ଣ ହୋଇ ପଡିରହିଛି। ଯାହାଦ୍ୱାରା ବାଟୋଇମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ଗମନାଗମନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ଏହି ରାସ୍ତାର ମରାମତି ନିମନ୍ତେ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



ରାସ୍ତାରୁ ପିଚୁ ଉଠି ମରଣଯନ୍ତା ପାଲଟିଛି।

# ବାଲ୍ୟବିବାହମୁକ୍ତ ପଞ୍ଚାୟତ ଗଠନ ପାଇଁ ପ୍ରଶିକ୍ଷଣ



ଶିବିରରେ ଭାଗ ନେଇଥିବା ପ୍ରଶିକ୍ଷକ, ପଞ୍ଚାୟତ ପ୍ରତିନିଧି ଓ କର୍ମଚାରୀ।

ପାଟକୁରା, ୩୦।୧୦ (ରବୀନ୍ଦ୍ର ନାଥ ବାରିକ)

## ଗରଦପୁର ବ୍ଲକ୍

ସମାଜରେ କୁସଂସ୍କାର ଦୂର କରିବାକୁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଏଣୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଶିବିରର ଆୟୋଜନ କରାଯାଉଛି। ଏହିକ୍ରମରେ ଗୁରୁବାର ଗରଦପୁର ବ୍ଲକ ସମ୍ମିଳନୀ କକ୍ଷରେ ଏଥିପାଇଁ ପ୍ରଶିକ୍ଷଣ ଶିବିରର ଆୟୋଜିତ ହୋଇଯାଇଛି। ଏଥିରେ ଏସ୍‌ଆଇଆର୍‌ଡିରୁ ଗଙ୍ଗାଧର ଦଳାଇ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ପାର୍ବତୀ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବ୍ଲକର ୧୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ, ଆକାଉଣ୍ଟସ ଅଧିକାରୀ, ଜୀବିକା ମିଶନ କର୍ମଚାରୀ ଓ ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ ସାମିଲ ହୋଇଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ବାରିକ ମଧ୍ୟ ପ୍ରଶିକ୍ଷକ ଭାବେ ବିବାହ ପାଇଁ ସରକାର ପ୍ରଣୟନ କରିଥିବା ନିୟମ ବାବଦରେ ବୁଝାଇଥିଲେ।

ବିବାହ ପାଇଁ ଝିଅର ବୟସ ସର୍ବନିମ୍ନ ୧୮ ଓ ପୁଅର ବୟସ ସର୍ବନିମ୍ନ ୨୧ ହେବା ନିହାତି ଜରୁରୀ। କିନ୍ତୁ ସଚେତନତା ଅଭାବରୁ କେତେଜଣ ମାତାପିତା କମ ବୟସରେ ସେମାନଙ୍କ ଝିଅପୁଅଙ୍କୁ ବିବାହ କରିଦେଉଛନ୍ତି। ଫଳରେ ବିବାହ ପରବର୍ତ୍ତୀ ଅବସ୍ଥାରେ ଦମ୍ପତିଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। କମ ବୟସ ଯୋଗୁ ମାନସିକ ଦୃଢ଼ତା ନ ଥିବାରୁ ପରିବାର ଉପରେ ଏହାର ପ୍ରଭାବ ପଡୁଛି ବୋଲି ସେ କହିଥିଲେ। ଜନ ସମାଜ ଉପରେ ପଞ୍ଚାୟତ ପ୍ରତିନିଧିମାନଙ୍କ ଯଥେଷ୍ଟ ପ୍ରଭାବ ରହୁଛି। ପଞ୍ଚାୟତସ୍ତରରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ, ଆକାଉଣ୍ଟସ ଅଧିକାରୀ, ସ୍ୱାସ୍ଥ୍ୟ, ଜୀବିକା ମିଶନ କର୍ମଚାରୀ ଲୋକଙ୍କ ସହ ବିଭିନ୍ନ ସରକାରୀ କାର୍ଯ୍ୟରେ ମିଶୁଥିବାରୁ ସେମାନଙ୍କ ମଧ୍ୟ ଭଲ ଲୋକ ସମ୍ପର୍କ ରହୁଛି। ସେମାନେ ଚାହିଁଲେ ବାଲ୍ୟ ବିବାହ ଭଳି ଏକ କୁସଂସ୍କାର ପ୍ରଥା ସମାଜରୁ ହଟିଯିବ ବୋଲି କହିଥିଲେ। ଏଣୁ ପଞ୍ଚାୟତ ପ୍ରତିନିଧି, ସରକାରୀ କର୍ମଚାରୀ ମିଳିତ ଭାବେ ସଚେତନତା କାର୍ଯ୍ୟ ହାତକୁ ନେଲେ ସମାଜରୁ କୁସଂସ୍କାର ହଟିବ, ସରକାରଙ୍କ ଯୋଜନା ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚି ପାରିବ ବୋଲି ପ୍ରଶିକ୍ଷକ ବାରିକ ବୁଝାଇଥିଲେ। ଫଳରେ ସରକାରଙ୍କ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଗଠନ ଯୋଜନା ସଫଳ ହୋଇପାରିବ।

# ଉଠାଦୋକାନ ଉପରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

ରାଜକନିକା, ୩୦।୧୦ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ୍ ଓଳାଭର କାଳୀପଡ଼ିଆରେ କାଳୀପୂଜା ଉପଲକ୍ଷେ ଯାତ୍ରରେ ପଡ଼ିଥିବା ଉଠାଦୋକାନଙ୍କ ଉପରେ କେନ୍ଦ୍ରାପଡ଼ା ଜିଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇ ଖାଦ୍ୟର ସ୍ୱଚ୍ଛତା ତଦାରଖ କରାଯାଇଛି।

କେନ୍ଦ୍ରାପଡ଼ା ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରୀତୀଶ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଓଳାଭର କଳିପଡ଼ିଆରେ ଉଠାଦୋକାନୀମାନଙ୍କ ଉପରେ ଚଢାଉକରି ଖାଦ୍ୟର ମାନ ଓ ସ୍ୱଚ୍ଛତା ସହ ବିଶେଷକାରୀ ଚାଇନା ସ୍ଲଟ ଓ ରଙ୍ଗ ଉପରେ ଗୁରୁତ୍ୱ ଦେଇ ଏସବୁକୁ ବ୍ୟବହାର ନ କରିବାକୁ ତାଗିଦ କରିଥିଲେ। ଯେଉଁ ଦୋକାନୀମାନେ ପାଖରେ ଚାଇନା ଲୁଣ ଓ ବିଭିନ୍ନ ପ୍ରକର ରଙ୍ଗ ରଖିଥିଲେ ତାକୁ ନଷ୍ଟ କରିଦେଇଥିଲେ। ଚାଇନା ଲୁଣ ଖାଦ୍ୟରେ ବ୍ୟବହାର କଲେ କର୍କଟ ପରି ମାରାତ୍ମକ ରୋଗ ହେବା ସମ୍ଭାବନା ଥିବା ସବୁ ଦୋକାନୀଙ୍କୁ ସଚେତନତା କରିଥିଲେ। ଏହାସହ ଖବରକାଗଜ ବ୍ୟବହାର ନ କରି ସାଦା କାଗଜ ବ୍ୟବହାର କରିବାକୁ ପରାମର୍ଶ ଦେବା ସହ ଗରମ ଖାଦ୍ୟ ଥର୍ମୋକୁଲ ପ୍ଲେଟ୍‌ରେ ଦେବାକୁ ବାରଣ କରିଥିଲେ। ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଟିଏସ୍ ପ୍ରଶାନ୍ତ କୁମାର ରାଉତ, ସୂର୍ଯ୍ୟକାନ୍ତ ମଲ୍ଲିକ, ଦୀନବନ୍ଧୁ ବେହେରା ଓ ଓଳାଭର ମେଡିକାଲର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

# ହୃଦ୍‌ଘାତରେ ଯୁବକ ମୃତ

ଏରସମା, ୩୦।୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ସିଂହାରସାହି ଗ୍ରାମର ଜଣେ ଯୁବକଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତକ ହେଲେ କେଶବ ରଣା (୨୬)। ସେ ଛାତିରେ ଯନ୍ତ୍ରଣା ଅନୁଭବ କରି ଅଚେତ ହୋଇଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ମାତ୍ର କେଶବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସ୍ତ୍ରୀ ରୀନାଙ୍କ ସୂଚନା ଆଧାରରେ ଏରସମା ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୧/ ୨୫) ରୁଜୁ କରାଯାଇଥିବା ଆଇଆଇସି ପ୍ରେମଜୀତ ଦାସ କହିଛନ୍ତି।

# ବାଇକ୍ ଚାଳକଙ୍କୁ ଚାପିଦେଲା ଟ୍ରେଲର

ସୁକିନ୍ଦା, ୩୦।୧୦ (ସତ୍ୟଜିତ ଦାଶ)

ସୁକିନ୍ଦା ମୁଖ୍ୟ ବଜାରର ବିଜୁ ପଟ୍ଟନାୟକ ଛକ ଅନତି ଦୂରରେ ଏକ ପାଉଁଶ ବୋଝେଇ ଟ୍ରେଲର ଗୁରୁବାର ଜଣେ ବାଇକ୍ ଚାଳକଙ୍କୁ ଚାପି ଦେଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସୁକିନ୍ଦା ଥାନା ଅନ୍ତର୍ଗତ ହାତିବାରୀ ଗ୍ରାମର ଶୀତାଂଶୁ ନାୟକ। ସେ ଖଣି ଅଞ୍ଚଳରେ ଡେକୋ କମ୍ପାନୀରେ କାର୍ଯ୍ୟ କରୁଥିଲେ। କାମ ସାରି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବିଭାଗ ସହାୟତାରେ ମୃତକଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଶୀତାଂଶୁ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନର ସଦସ୍ୟ ହୋଇଥିବାରୁ ୟୁନିୟନର ସାଧାରଣ ସମ୍ପାଦକ ଆମଲେନ୍ଦୁ ବେହୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଖବରଦାତାଙ୍କ ପରଲୋକ

ଡେରାବିଶ, ୩୦।୧୦
(ବେବର୍ତ୍ତା ଅଜୟ ଦାସ)



କରୁଣାକର କର

କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ଖବରଦାତା କରୁଣାକର କର(୭୦)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସନ୍ଧ୍ୟାରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ସାଢେ ୮ଟାରେ ମୃତ୍ୟୁ ଘଟିଛି। ତାଙ୍କର ହୃଦ୍‌ଘାତରୁ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ସେ ଦୀର୍ଘବର୍ଷ ଧରି ଖବରଦାତା ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କର ଅମାୟିକ ବ୍ୟବହାର, ସେବା ମନୋଭାବ ଓ ଉତ୍ତମ ଜନସମ୍ପର୍କ ପାଇଁ ଅଞ୍ଚଳରେ ସେ ଖୁବ୍ ଜନପ୍ରିୟ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଖବରଦାତା ମହଲରେ ଶୋକର ଛାୟା ଖେଳିଯାଇଛି।

# ବଳଦେବଜୀଉ ଗୋଶାଳାରେ ଗୋଷ୍ଠାଷ୍ଟମୀ

ଡେରାବିଶ, ୩୦।୧୦ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ନୀଳିକଣାସ୍ଥିତ ଶ୍ରୀ ଶ୍ରୀସିଦ୍ଧ ବଳଦେବଜୀଉ ଗୋମଙ୍ଗଳ ସମିତିରେ ଗୁରୁବାର ଗୋଷ୍ଠାଷ୍ଟମୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରେ ସମିତି ପରିସର ଚଳଚଞ୍ଚଳ ହୋଇ ଉଠିଥିଲା। ଗୋମାତାମାନଙ୍କୁ ସ୍ନାନ କରାଯାଇ ଗୋପୂଜନ କରାଯିବା ସହ ପଣ୍ଡିତମାନଙ୍କ ଦ୍ୱାରା ବୈଦିକ ରୀତିରେ ହୋମଯଜ୍ଞ କରାଯାଇଥିଲା। ସମିତିର ସଭାପତି ଫକିର ଚରଣ ଖଟୁଆ ଓ ସମ୍ପାଦକ ସୁଶୀଲ କୁମାର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗୋପୂଜନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କସ୍ତୁରୀ ଚରଣ ପାତ୍ର, ରାମନାରାୟଣ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଶ୍ରୀନିବାସ ବରାଳ, ବିଶ୍ୱ ମୋହନ ଦାସ ଓ ବିଧୁଭୂଷଣ ମହାପାତ୍ର ପ୍ରମୁଖ ସାମିଲ ହୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ଏହି ଗୋମଙ୍ଗଳ ସମିତି ୨୦୦୭ ମସିହାରେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଓ ସ୍ୱର୍ଗତ ବଟକୃଷ୍ଣ ପ୍ରଧାନଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ କୌଣସି ସରକାରୀ ପ୍ରୋତ୍ସାହନ ବା ପ୍ରଶାସନିକ ସହଯୋଗ ମିଳୁ ନ ଥିବାରୁ ଏହି ଗୋରକ୍ଷଣୀ ବହୁବିଧ ସମସ୍ୟା ଦେଇ ଗତି କରୁଛି। ତରୁଣ ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହା ଏବେ ପରିଚାଳିତ ହେଉଥିବା ବେଳେ କେତେଜଣ ଗୋମାତା ପ୍ରେମୀ ଓ ବ୍ୟକ୍ତି ବିଶେଷ ଅନେକ ସମୟରେ ସହାୟତାର ହାତ ବଢ଼ାଇଥିବାରୁ ବହୁକଷ୍ଟରେ ଏହା ଏବେ ପରିଚାଳିତ ହେଉଛି। ତେବେ ଏଥିପ୍ରତି ପ୍ରଶାସନିକ ସ୍ତରରେ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।



ଗୋଶାଳାରେ ଥିବା ଗୋମାତାମାନେ।

# ଭଡ଼ାଟିଆ ଯୁବକଙ୍କ ପରିବାରକୁ ଗ୍ରାମବାସୀଙ୍କ ଆକ୍ରମଣ

ଡେରାବିଶ, ୩୦।୧୦ (ବେବର୍ତ୍ତା ଅଜୟ ଦାସ)

## ଯୁବକଙ୍କ ଅନୈତିକ କାର୍ଯ୍ୟ ନେଇ ଗ୍ରାମବାସୀଙ୍କ ପାଲଟା ଅଭିଯୋଗ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତ ଓଲଢି ଗ୍ରାମରେ ଜଣେ ଭଡାରେ ରହୁଥିବା ଅମରେନ୍ଦ୍ର ବାରିକଙ୍କ ପରିବାରକୁ ଗ୍ରାମବାସୀ ଆକ୍ରମଣ କରିଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଭଡାରେ ରହୁଥିବା ଅମରେନ୍ଦ୍ର ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହି ଗ୍ରାମର ସାମାଜିକ ବ୍ୟବସ୍ଥାକୁ କଳଙ୍କିତ କରୁଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅବିନାଶ ନାୟକ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।

ଅବିନାଶଙ୍କ ଅଭିଯୋଗ ଅନୁଯାୟୀ, ଥାନା ଅଧୀନ ପଲେଇ ପଞ୍ଚାୟତ କନ୍ଦରପୁର ଗ୍ରାମର ଅମରେନ୍ଦ୍ର କିଛିବର୍ଷ ହେବ ସପରିବାର ଓଲଢ଼ି ଗ୍ରାମର ହୃଷୀକେଶ ମହଲାଙ୍କ ଘର ଭଡା ନେଇ ରହି ଆସୁଛନ୍ତି। ହେଲେ ଅମରେନ୍ଦ୍ର ବିଭିନ୍ନ ସମୟରେ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତରହିବା ସହ ବାହାରୁ ଝିଅ, ବୋହୂମାନଙ୍କୁ ଆଣି କୁତ୍ସିତ କାର୍ଯ୍ୟ କରୁଥିଲେ ବୋଲି ଅଭିଯୋଗରେ ସେ ଦର୍ଶାଇଛନ୍ତି। ତେବେ ମଙ୍ଗଳବାର ଅବିନାଶଙ୍କ ଘର ଆଗରେ କେତେଜଣ ଅପରିଚିତ ଲୋକ ବୁଲୁଥିବା ଦେଖି ସେମାନଙ୍କୁ ପଚାରିବାରୁ ସେମାନେ ଅମରେନ୍ଦ୍ରଙ୍କ ପାଖକୁ ଆସିଥିବା କହିଥିଲେ। ଏ ବିଷୟରେ ଅବିନାଶଙ୍କ ବାପା ଅମରେନ୍ଦ୍ରଙ୍କୁ ପଚାରିବାରୁ ସେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମୋ କାର୍ଯ୍ୟରେ ବାଧାଦେବାକୁ ତୁମେ କିଏ କହି ବିଭିନ୍ନ ଧମକ ଦେଇଥିଲେ। ଅବିନାଶଙ୍କ ବାପା ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବାରୁ ମୁରବିମାନେ ଆଲୋଚନା କରି ଅମରେନ୍ଦ୍ର ଭଡ଼ା ଘର ଛାଡ଼ି ପଳାଇଯିବାକୁ କହିଥିଲେ। ହେଲେ ଅମରେନ୍ଦ୍ର ଏହାକୁ ମାନି ନେଇଥିଲେ। ଏ ସମ୍ପର୍କରେ ଅମରେନ୍ଦ୍ର ଏକ କାଗଜରେ ଲିଖିତ ଆକାରରେ ନିଜର ସମ୍ମତି ପ୍ରଦାନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଗ୍ରାମର ମୁରବିମାନଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ କରିଥିବା ନେଇ ଅବିନାଶ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଭଡ଼ାରେ ରହୁଥିବା ଯୁବକ ଅମରେନ୍ଦ୍ର କରିଥିବା ଅଭିଯୋଗ ମୁତାବକ, ମଙ୍ଗଳବାର ସକାଳ ୯ଟାରେ ଓଲଢି ବଜାର କମିଟିର କର୍ମକର୍ତ୍ତା ଓ ଗ୍ରାମର ପ୍ରାୟ ଶତାଧିକ ବ୍ୟକ୍ତି ସେ ରହୁଥିବା ଭଡ଼ା ଘର ଭିତରୁ ତାଙ୍କୁ ଟାଣି ଆଣି ଏକ ଖୁଣ୍ଟରେ ବାନ୍ଧି ପକାଇ ନିସ୍ଥୁକ ମାଡ ମାରିଥିଲେ। ଏ ସମ୍ପର୍କରେ ସେ ପଚାରିବାରୁ ଗ୍ରାମର ଝିଅକୁ ପ୍ରେତ ପଠାଇ କାହିଁକି ହଇରାଣ କରୁଛୁ ବୋଲି କହିଥିଲେ। ତେବେ ଅମରେନ୍ଦ୍ରଙ୍କୁ ବଞ୍ଚାଇବାକୁ ଭାଇ ପହଞ୍ଚିବାରେ ଗ୍ରାମବାସୀ ତାଙ୍କୁ ଏବଂ ୧୦ ବର୍ଷର ପୁଅ ଓ ସ୍ତ୍ରୀଙ୍କୁ ମାଡ ମାରି ସେ ପିନ୍ଧିଥିବା ବିଭିନ୍ନ ଅଳଙ୍କାର ଚୋରାଇ ନେଇ ଅସଦାଚରଣ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ଗ୍ରାମବାସୀ ଜୋର ଜବରଦସ୍ତ ତାଙ୍କର ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କ ଏକ ସାଦା କାଗଜରେ ଦସ୍ତଖତ କରାଇ ନେଇଥିବା ସହ ତାଙ୍କ ଭଡ଼ା ଘରେ ତାଲା ପକାଇ ସେମାନଙ୍କୁ ବାହାରକରି ଦେଇଥିବା ଅଭିଯୋଗରେ ଅମରେନ୍ଦ୍ର ଉଲ୍ଲେଖ କରିଛନ୍ତି। ତେବେ ଥାନା ପକ୍ଷରୁ ଅମରେନ୍ଦ୍ରଙ୍କ ଅଭିଯୋଗକୁ ପଞ୍ଜୀକୃତ କରାଯାଇ ନ ଥିବା ପ୍ରତିବାଦରେ ଗୁରୁବାର ଅମରେନ୍ଦ୍ର ଏସ୍‌ପିଙ୍କ ଭେଟି ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରି କରିଛନ୍ତି। ଅମରେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୧୯୨/୨୫ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ନେଇ ଥାନାଧିକାରିଣୀ ଅମ୍ବିକା ପ୍ରସାଦ ଦାସ କହିଛନ୍ତି।

## ସଂକ୍ଷେପରେ

### ଗଣ୍ଡରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୩୦।୧୦(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ଏନ୍‌ଏସି ୧୦ ନଂ ୱାର୍ଡ ରାଣୀ ସାହି ମଞ୍ଜରୀ ନଗର ଗଣ୍ଡରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଶିବ ସାହୁ(୪୦)। ଖବରପାଇ କାଉନସିଲର ଦୀପକ ମିଶ୍ର, ସାମାଜିକକର୍ମୀ କେ.କୁନା ଘଟଣାସ୍ଥଳରେ ପହଞ୍ଚି ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ବୁଦ ପହଞ୍ଚି ଶିବଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍

ଚକାପାଦ,୩୦।୧୦(ପ୍ରତାପ କିଶୋର ବେହେରା): ବେଦାନ୍ତରୁ ଫ୍ଲାଇ ଆସ ବୋଝେଇ ଟ୍ରକ (ଓଆର ୧୨ବି ୬୦୩୨) ଗଞ୍ଜାମ ଜିଲାକୁ ଯାଉଥିବାବେଳେ ଟିକାବାଲି ଠାରୁ ଚକାପାଦର କକିଗାଡ଼ ଘାଟିରେ ଗୁରୁବାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟ ବଶତଃ ଗାଡି ଚାଳକ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ବର୍ତ୍ତମାନ କଳିଙ୍ଗା ଘାଟିର ରାସ୍ତା କାମ ଚାଲୁଥିବାରୁ ଗାଡ଼ିଗୁଡ଼ିକ ଟିକାବାଲି ଠାରୁ ଚକାପାଦ ହୋଇ ନିକ୍ଷିଆପଲିରେ ବାହାରି ବ୍ରହ୍ମପୁର ଯାଉଥାନ୍ତି। ଏହି ଅଣଓସାରିଆ ରାସ୍ତାରେ ନୂଆ ଚାଳକ ହୋଇଥିବାରୁ ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଚକାପାଦ ପୋଲିସ ପହଞ୍ଚି ଆହାତ ଡ୍ରାଇଭରଙ୍କୁ ଆମ୍ବୁଲାନ୍ସ ଯୋଗେ ଟିକାବାଲି ମେଡିକାଲକୁ ପଠାଇଛି।

### କେ. ଏମ୍. ଭାଲିଆସାହିରେ ରିଲିଫ୍ ବଣ୍ଟନ

ଆର.ଉଦୟଗିରି,୩୦।୧୦(ମନୋଜ କୁମାର ପାହୀ): ବାତ୍ୟା ଟଳିଥିଲେ ମଧ୍ୟ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ପ୍ରବଳ ବର୍ଷା ହେତୁ ବିପୁଳ କ୍ଷୟକ୍ଷତି ହୋଇଛି। ଧାନ ସହିତ ମକା ଏବଂ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଯାଇଛି। କେତେକ ସ୍ଥାନରେ ଗମନାଗମନର ବାଧା ପ୍ରାପ୍ତ ହେବା ସହିତ ଅନେକଙ୍କର ବାସଗୃହ ମଧ୍ୟ ଭାଙ୍ଗିଯାଇଛି। ଏଭଳି ସ୍ଥିତିରେ ରାଜ୍ୟ ଜୁନିୟର ରେଡକ୍ରସର ଅଫିସର ଲକ୍ଷଣ ସ୍ୱାଇଁ, ସଦସ୍ୟ ବିନୟ କୁମାର ନାୟକ, ଗଜପତି ଜିଲାର ଜୁନିୟର ରେଡକ୍ରସର ଅଫିସର ସଞ୍ଜୀବ କୁମାର ବାସଙ୍କ ସହିତ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିଆଳ, ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ଦଳବେହେରା ଓ ମୁକ୍ତିକାନ୍ତ ମଲ୍ଲିକ ଉପସ୍ଥିତ ରହି କେ. ଏମ୍. ଭାଲିଆସାହି ଗ୍ରାମର କ୍ଷତିଗ୍ରସ୍ତ ଲୋକମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ।

### ସାଧୁତାର ଶପଥପାଠ କରାଇଲେ ମାଜିଷ୍ଟ୍ରେଟ

ଦିଗପହଣ୍ଡି, ୩୦।୧୦(ଅଶେଷ ନାଥ ମିଶ୍ର): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଗୁରୁବାର ଦିଗପହଣ୍ଡି ସ୍ଥିତ ସିଭିଲ କୋର୍ଟ ସିନିୟର ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଡ଼ା ବିଚାର ବିଭାଗୀୟ କର୍ମଚାରୀଙ୍କୁ ସାଧୁତାର ଶପଥପାଠ କରାଇଛନ୍ତି। ସିଭିଲ କୋର୍ଟ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମାଜିଷ୍ଟ୍ରେଟ ଦୁର୍ନୀତି ନିବାରଣ ଆମର ସାମୂହିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରି ସହ ଅନଲାଇନ ସେବା ମାଧ୍ୟମରେ ଦୁର୍ନୀତିକୁ ବହୁ ମାତ୍ରାରେ କମାଇ ଦିଆଯାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଜେଏମ୍‌ଏଫ୍‌ସି କୋର୍ଟର ମାଜିଷ୍ଟ୍ରେଟ ଲିଜା ଷଡ଼ଙ୍ଗୀ, ସରକାରୀ ଓକିଲ ନକୁଳ ପ୍ରଧାନ, ମନୋରଞ୍ଜନ ପଣ୍ଡାଙ୍କ ସମେତ କୋର୍ଟ କର୍ମଚାରୀ ପ୍ରଦୀପ ଶତପଥୀ, ପ୍ରଦୀପ ପୁରୋହିତ, ଅଶ୍ୱିନୀ ପଟ୍ଟନାୟକ, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ସଂଗ୍ରାମ କେଶରୀପଣ୍ଡା, ପଦ୍ମନମହାରଣା, ଗୁରୁପ୍ରସାଦ ତଣ୍ଡିଆ, ପିଣ୍ଟୁ ହେମ୍ବ୍ରମ, ନିରଞ୍ଜନ ଶବର, କେ.ନୋକେୟା ପ୍ରମୁଖ ଉପସ୍ଥିତ ଥିଲେ।

### ମୋନ୍ଥାରେ ଭୁଶୁଡ଼ିଲା ଘର

ଗୁମା,୩୦।୧୦(ପ୍ରବୀଣ କୁମାର ଲିମା): ମୋନ୍ଥାର ପ୍ରଭାବ ଗୁମା ବ୍ଲକର ଗାଇବା ପଞ୍ଚାୟତ ପଡ଼ିଛି। ଏହି ପଞ୍ଚାୟତ କୁର୍ଗିଙ୍ଗି ଗ୍ରାମ କୁର୍ଗିଙ୍ଗି ସାହିର ରଇସା ନାଇକା(୬୦) ଜଣେ ବୃଦ୍ଧ ମହିଳା। ସ୍ୱାମୀ ଚାଲିଗଲା ପରେ ସେ ଏକା ରହୁଥିଲେ। ଚଳିତ ଲଗାଣ ବର୍ଷାରେ ତାଙ୍କ ଘର ଭୁଶୁଡ଼ି ଯାଇଛି। ଖବର ପାଇ ରାଜସ୍ୱ ନିରୀକ୍ଷକ ତହସିଲଦାରଙ୍କୁ ଜଣାଇଲା ପରେ ଗାଇବା ପୋଲିସ ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସ ଓ କନେଷ୍ଟବଳ ଚିତ୍ତର ରାଉତ ଏବଂ ରାଜସ୍ୱ ନିରୀକ୍ଷକ ସାହାଣୀ ବାବୁ କୁର୍ଗିଙ୍ଗି ଗ୍ରାମକୁ ଯାଇ ରଇସା ନାଇକାଙ୍କୁ ଏକ ପାଲ ପ୍ରଦାନ କରିଛନ୍ତି।

# ଗଜପତିରେ ବାତ୍ୟା କ୍ଷୟକ୍ଷତି ସମୀକ୍ଷା କଲେ ମନ୍ତ୍ରୀ

ପାରଳାଖେମୁଣ୍ଡି,୩୦।୧୦(ଗିରିଧାରୀ ପରିଡ଼ା): ଆଇନ,ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଦିନିକିଆ ଗଜପତି ଜିଲା ଗସ୍ତରେ ଆସିଥିଲେ। ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସେ ବାତ୍ୟା 'ମୋନ୍ଥା'ରେ ଜିଲାରେ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ବାତ୍ୟାରେ ନଷ୍ଟ ହୋଇଥିବା ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବର୍ଷାରେ ଭାଙ୍ଗିଥିବା କଚ୍ଚା ଘରଗୁଡ଼ିକୁ ତୁରନ୍ତ ପଲିଥିନ ଯୋଗାଇ ଦେବା ସହିତ ସରକାରଙ୍କ ତରଫରୁ ସହାୟତା ପ୍ରଦାନ ପାଇଁ କହିଛନ୍ତି। ଜିଲାରେ ହେଉଥିବା ଭୂସ୍ଖଳନ ସମସ୍ୟାର ସମାଧାନ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାରେ ମୋନ୍ଥା ବାତ୍ୟା ପ୍ରଭାବରେ ହୋଇଥିବା



ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀମାନେ।

କ୍ଷୟକ୍ଷତିକୁ ଗୁରୁବାରଠାରୁ ୩ ଦିନ ମଧ୍ୟରେ ଆକଳନ ସାରି ତୁରନ୍ତ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ୨୦ ହଜାର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ୧୯୭ ଜଣ ଗର୍ଭବତୀଙ୍କୁ ମା'ଗୃହ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଜିଲାର ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ, ତହସିଲ କାର୍ଯ୍ୟାଳୟ ଓ ଜିଲା କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ ଖୋଲାଯାଇ ଜନସାଧାରଣଙ୍କୁ

**୩ ଦିନ ମଧ୍ୟରେ ଆକଳନ ସାରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଥିଲା। ସଫଳତାର ସହ ଜିଲାର ସମସ୍ତ ଅଧିକାରୀ ଗୋଟିଏ ଟିମ ହୋଇ ବାତ୍ୟା ମୁକାବିଲା କାର୍ଯ୍ୟ କରିଥିବାରୁ ଜିଲା ପ୍ରଶାସନକୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲାପାଳ ମଧୁମିତା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ କେ.ନାଗରାଜୁ, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେରକେଟାଙ୍କ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀପୁର ଅଞ୍ଚଳରେ ବାଘ ଆତଙ୍କ



ଚାଷ ଜମିରେ ପଡ଼ିଥିବା ପାଦ ଚିହ୍ନ।

ଛତ୍ରପୁର,୩୦।୧୦(ଦିଲୀପ ସାମଲ): ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ନିକଟ ଚାଷ ଜମିରେ ବାଘ ବୁଲୁଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ଗ୍ରାମର କେତେଜଣ ଲୋକ ମନ୍ଦିରରୁ ଫେରିବା ବେଳେ ଜମିରେ ବାଘ ବୁଲୁଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରେ ଛତ୍ରପୁର ବନ ବିଭାଗକୁ ଜଣାଇଥିଲେ। ଘଟଣାସ୍ଥଳରେ ଛତ୍ରପୁର ଫରେଷ୍ଟ ଅଫିସର ବାବୁ ସେଠାଙ୍କ ସମେତ ବହୁ ବନ କର୍ମଚାରୀ ପହଞ୍ଚି ତଦନ୍ତ କରିବା ସହିତ ପାଦଚିହ୍ନ ଏବଂ ଲୋମ ଆଦି ସଂଗ୍ରହ କରିଛନ୍ତି। ପାଦଚିହ୍ନକୁ ସ୍କେଲ ଯୋଗେ ମପାଯାଇଛି। ପ୍ରକୃତରେ ଏହା ବାଘ ନା ଆଉ କୌଣସି ଜନ୍ତୁ ତାକୁ ନେଇ ତଦନ୍ତ ଚାଲିଥିବା ଫରେଷ୍ଟ ଅଫିସର ସେଠ ସୂଚନା ଦେଇଛନ୍ତି। ଅନ୍ୟପଟେ ଗ୍ରାମରେ ୨ ଦିନ ଧରି ବାଘ ଆତଙ୍କ ଲାଗି ରହିଥିବା ବେଳେ ଛେଳି, କୁକୁଡ଼ା ଆଦିକୁ ଖାଇ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ରାତିରେ ସେହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଏଣୁ ଏହାର ତଦନ୍ତ କରି ବାଘକୁ ଘଉଡ଼ାଇବା ପାଇଁ ଦାବି ହୋଇଛି।

# ଖଣ୍ଡପଡ଼ା ବ୍ଲକରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଟ୍ରାଇ ସାଇକେଲ ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯାଉଛି।

ଖଣ୍ଡପଡ଼ା ୩୦।୧୦ (ଅଜୟ କୁମାର ମହାରଣା): ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଶିବିରକୁ ବ୍ଲକ ଅଧକ୍ଷା ଉପମା ବେହେରା, ବିଡ଼ିଓ ଅଙ୍କୁର ଅଭିଳାଷ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡ଼ା ସହର ଓ ବ୍ଲକ ଅଧିନ ୨୨ ପଞ୍ଚାୟତରୁ ୩୦୭ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମ ଶିବିରରେ ପଞ୍ଜୀକରଣ କରାଯାଇଥିଲା। ଡାକ୍ତର ଶତ୍ରୁଘ୍ନ ନାୟକ, ପୀତବାସ ନାୟକ, ପି.ପି.ସାହୁ, ସଞ୍ଜୟ ଦେବ, ସବିତା ବରାଡ, ଉପସ୍ଥିତ ଆଚାର୍ଯ୍ୟ, ଡା. ନିଷ୍ଠାରଞ୍ଜନ ଦାଶ ଓ ପ୍ରଭୁଦତ୍ତ ପଣ୍ଡା ପ୍ରମୁଖ ଶିବିରରେ ଉପସ୍ଥିତ ରହି ଭିନ୍ନକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୫୬ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିବା ବେଳେ ଶ୍ରବଣ ବାଧିତରେ ୭୧, ଦୃଷ୍ଟି ବାଧିତ ୪୦, ମାନସିକ ଅନଗ୍ରସର ଶ୍ରେଣୀର ୪୦ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଏ ଅବସରରେ ୫ ଜଣଙ୍କୁ ହ୍ୱିଲ ଚେୟାର, ଜଣଙ୍କୁ ସିପି ଚୌକି ଓ ୨ ଜଣଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଚିହ୍ନଟ ୩୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ବିଭାଗୀୟ ଅଧିକାରୀ ସୁନିଲ କୁମାର ନିଶଙ୍କଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବାଲିଗୁଡ଼ା/ଖଜୁରିପଡ଼ା/ କ.ନୂଆଗାଁ, ୩୦।୧୦ (ବିପ୍ଳବ ବେହେରା/ ସଞ୍ଜୟ କୁମାର ପାଣିଗ୍ରାହୀ/ କାଳି ପ୍ରସାଦ ତ୍ରିପାଠୀ): ଖଜୁରିପଡ଼ା ପୋଲିସ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏଥିରେ ବିଦ୍ୟାଳୟର ୬୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା ଲିଖନ ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି। ସେହିପରି ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ପରିସରରେ ବାଲିଗୁଡ଼ା ପୋଲିସ ବିଭାଗ ତରଫରୁ ରାଷ୍ଟ୍ରୀୟ ଏକତା ଦିବସ ତଥା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ପାଳିତ ହୋଇଛି। ଏହି ଅବସରରେ ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେରେ ରଚନା ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବେ ବାଲିଗୁଡ଼ା ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦଙ୍କ ସମେତ ମହାବିଦ୍ୟାଳୟ ଅଧକ୍ଷ ଲକ୍ଷଣ ପାଳ, ଅଧ୍ୟାପକ ତେଜେଶ୍ୱର ନାୟକ, ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ, ସରୋଜ ପାଠୀ, ନୀଳାଞ୍ଚଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ କ.ନୂଆଗାଁ ଥାନା ପୋଲିସ ପକ୍ଷରୁ ଥାନା ଅଧିକାରୀ ଅଶୋକ ହାଁସଦାଙ୍କ ନେତୃତ୍ୱରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ରାମେଶ୍ୱର ମନ୍ଦିର ନିକଟରେ ଥିବା ସାଇ ଉଚ୍ଚ ମାଧ୍ୟମିକ କଲେଜ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ତଥା ମହା ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ପାଳନ ଅବସରରେ ପ୍ରବନ୍ଧ, କୁଇଜ,ଚିତ୍ର ଓ ବକ୍ତୃତା ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜନ ହୋଇଥିଲା। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନେ ଭାଗ ନେଇ ନିଜ ନିଜର ଦକ୍ଷତା ପ୍ରତିପାଦନ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଧ୍ୟକ୍ଷ ଭାରତୀ ବାରିକ, ଅଧ୍ୟାପକ ଇଭାନ ନାୟକ ଓ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭୂସ୍ଖଳନ ସ୍ଥଳ ପରିଦର୍ଶନ କଲେ ଆଇନ ମନ୍ତ୍ରୀ

ରାମଗିରି,୩୦।୧୦(ବୃନ୍ଦାବନ ଗୌଡ଼): 'ମୋନ୍ଥା' ପ୍ରଭାବରେ ଗଜପତି ଜିଲାରେ ଏକାଧିକ ସ୍ଥାନରେ ଭୂସ୍ଖଳନ ଘଟିଛି। ଏହା ଯୋଗୁ ରାସ୍ତାରେ ଗଛ, ବଡବଡ ପଥର ପଡିରହିଛି। ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନୁଗ୍ରା ପଞ୍ଚାୟତ ବଡଗାଁ ଠାରେ ପାହାଡ଼ରୁ ବିରାଟକାୟ ପଥର ଖସି ରାସ୍ତା ଅବରୋଧ କରିଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଥିଲେ ମଧ୍ୟ ପଥର ହଟିପାରି ନ ଥିଲା। ଶେଷରେ ବ୍ଲାଷ୍ଟିଂ କରି ପଥର ହଟାଇବାକୁ ପ୍ରଶାସନ ପକ୍ଷରୁ କାମ ଚାଲିଥିବା ବେଳେ ଗୁରୁବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ମନ୍ତ୍ରୀ କହିଥିଲେ ଯେ ଆଉ କିଛିଦିନ ଯାତାୟାତରେ ବାଧା ହେଲେ ମଧ୍ୟ ଆଗକୁ ଯେପରି ଏଭଳି ଅସୁବିଧା ନ ହୁଏ ତାହାର ସ୍ଥାୟୀ ପ୍ରତିକାର କରିବା ସହିତ ଯେଉଁ ପଥର ଗୁଡିକ ପୁଣି ତଳକୁ ଖସିବାର ସମ୍ଭାବନା ଅଛି ସେଗୁଡ଼ିକୁ ବାହାର କରିବାକୁ ପଡିବ। ଆଗକୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ସବୁଜ ଜଙ୍ଗଲ ସୃଷ୍ଟି କରିବା ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳରେ କାର୍ଯ୍ୟ କରିବାକୁ ପଡିବ ବୋଲି କହିଥିଲେ। ମନ୍ତ୍ରୀଙ୍କ ଗସ୍ତ ଅବସରରେ ଜିଲାପାଳ ମଧୁମିତା, ଉପଜିଲାପାଳ ଅନୁପ ପଣ୍ଡା, ଏଡିଏମ ଫୁନାନ୍ଦ୍ର ମହାନ୍ତି, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ବିଡ଼ିଓ ଲୋରିମନ ଖର୍ଷେଲ, ତହସିଲଦାର ଜ୍ୟୋତିମୟ ଦାଶ, ଜିଲା ପରିଷଦ ଦଣ୍ଡପାଣି ବଡମୁଣ୍ଡ, ଏସପି ଜ୍ୟୋତିନ୍ଦ୍ର ପଣ୍ଡା ଓ ରାମଗିରି ଥାନାଧିକାରୀ ଡି.ଗଜପତି ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଠକେଇରୁ ବର୍ତ୍ତିବା ପାଇଁ ସଚେତନତା ଲୋଡ଼ା



ଉପସ୍ଥିତ ଛାତ୍ରଛାତ୍ରୀ।

ଭଞ୍ଜନଗର,୩୦।୧୦(ବାବୁଲା ପ୍ରଧାନ): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଗୁରୁବାର ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଠକେଇଠାରୁ ବର୍ତ୍ତିବା ପାଇଁ ସର୍ବଦା ସ୍ମାର୍ଟ ପାସୱାର୍ଡ ବ୍ୟବହାର କରିବା, ଓଟିପି କାହାକୁ ନଦେବା ଓ ସୋସିଆଲ ମିଡ଼ିଆ ବ୍ୟବହାର କରିବା ସମୟରେ ସତର୍କ ରହିବା ଓ ଅଧିକରୁ ଅଧିକ ସଚେତନ ହେବାକୁ କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ। ଭଞ୍ଜନଗର ଥାନା ଏବଂ କଲେଜ ଜାତୀୟ ସେବା ଯୋଜନା ଶାଖା ୧ ଓ ୨, ଏନସିସି ଆର୍ମି ୱିଙ୍ଗ, ନାଭାଲ ୱିଙ୍ଗ ଏବଂ ଯୁବ ରେଡକ୍ରସ ମିଳିତ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭଞ୍ଜନଗର ଏସଡିପିଓ ରଞ୍ଜନ କୁମାର ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏସଡିପିଓ ଡ. ଦୀପକ ମିଶ୍ର, ଥାନା ଅଧିକାରୀ ଜିବନାନନ୍ଦ ଜେନା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶାଳ, ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ, ଶୁଳପାଣି ଶତପଥି, ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ପାତ୍ର, ଏଡଡିଏଫ୍‌ସି ଡେପୁଟି ପରିଚାଳକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ସଭାରେ ଅଧକ୍ଷତା କରିଥିବା ବେଳେ ପ୍ରଶାସନିକ ଅଧିକାରୀ ବିଭାସ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଜୟକୃଷ୍ଣ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ବି. କେ. ପ୍ରଧାନ, ସସ୍ମିତା ଦାସ, ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ, ଏନସିସି ସିଟିଓ ଅର୍ପଣ ପ୍ରଧାନ, ବିଭୂତି ଭୂଷଣ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବାସକାରିଆ ମାଧ୍ୟମରେ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ସଭା ପୂର୍ବରୁ ଚକରା ବିଷୟୀ ଛକରୁ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରା କରିଥିଲେ।

## ସଞ୍ଚୟ କଲେ ଭବିଷ୍ୟତରେ କାମରେ ଆସେ





ଜଣେ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଫୁଲବାଣୀ,୩୦।୧୦ (ରାକେଶ କୁମାର ରାଉତ): ଫୁଲବାଣୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ମିତବ୍ୟୟତା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ କୁଞ୍ଜନ ଚନ୍ଦ୍ର ନାୟକ ଯୋଗଦେଇ ସଞ୍ଚୟ କରିବା ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ବିଭୂତି ଭୂଷଣ ମହାପାତ୍ର, ଫୁଲବାଣୀ ବିଡ଼ିଓ ସୌମ୍ୟରଞ୍ଜନ ପାତ୍ର, ଜିଲା ମୁଖ୍ୟ ପରିଚାଳକ ସିଦ୍ଧାର୍ଥ ପତି, ଡାକ ଅଧିକ୍ଷକ ରାଜକିଶୋର ମହାରଣା ଯୋଗଦେଇ ସଞ୍ଚୟ କଲେ ଆମେ କି ଲାଭ ପାଇଥାଉ ଏବଂ ଏହା କାହିଁକି ଅତ୍ୟନ୍ତ ଜରୁରୀ, ତାହା ଉପରେ ମତ ରଖିଥିଲେ। ଏହି ଅବସରରେ ପୂର୍ବରୁ ସଞ୍ଚୟ ପକ୍ଷପାଳନ ନିମନ୍ତେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ସର୍ବାଧିକ ସ୍ୱଳ୍ପ ସଞ୍ଚୟ ସଂଗ୍ରହ କରିଥିବା କବିତା ପତି, ବି.ସନ୍ତୋଷ ପାତ୍ର, କଳ୍ପନା କୁମାରୀ ପାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶେଷରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇଥିଲା। ସଠିକ୍ ଉତର ଦେଇଥିବା ପ୍ରାର୍ଥୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ ଚନ୍ଦ୍ର ପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋଷ୍ଠାଷ୍ଟମୀ ଉତ୍ସବରେ ଯୋଗଦେଲେ ଏମ୍‌ପି



ଶେରଗଡ଼,୩୦।୧୦(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ଼ ବ୍ଲକ ଅନ୍ତର୍ଗତ କରଞ୍ଜିଆ ପାଠ ପରିସରରେ ଥିବା ଗୋଶାଳାରେ ଗୁରୁବାର ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ସକାଳେ ସେଠାରେ ଥିବା ୧୦୦ରୁ ଅଧିକ ଗୋରୁଙ୍କୁ ପୂଜା ପରେ ଖାଇବାକୁ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ଭାଜପା ନେତା ବିଜୟ ସାହୁ, ଗୌରହରି ସାବତଙ୍କ ସମେତ ବହୁ ନେତା ଯୋଗଦେଇ ଥିଲେ। ଏମ୍‌ପି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଈଗୋରୁଙ୍କୁ ଫଳ ଖୁଆଇଥିଲେ। ସେ କହିଥିଲେ, ଗୋ ସେବା କଲେ ପ୍ରାଣୀମାନଙ୍କର ପୁଣ୍ୟ ପ୍ରାପ୍ତି ହୁଏ। ଏଭଳି ଗୋଶାଳା ପ୍ରତିଷ୍ଠା କରି ଗାଈଗୋରୁମାନଙ୍କ ସେବା କରିବାକୁ କଳ୍ପନ୍ୟ ନେତା ଓ କର୍ମୀ ମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଗୋଶାଳାର ମୁଖ୍ୟ ସନ୍ଥ କମଳାକ ଦାସ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗଦେଇ ଗୋମାତାଙ୍କ ପୂଜାରେ ସାମିଲ ହୋଇଥିଲେ।

# ଜିଦ୍‌ରେ ଗ୍ରାମବାସୀ, କେନ୍ଦ୍ର ଖୋଲିବାକୁ ପ୍ରଶାସନର ନିର୍ଦ୍ଦେଶ

**ଅଙ୍ଗନୱାଡିରେ ତାଲା ପକାଇବା ଘଟଣା**

ଫୁଲବାଣୀ/ଫିରିଙ୍ଗିଆ, ୩୦।୧୦ (ରାକେଶ କୁମାର ରାଉତ/ବିମଳ ଦିଗାଲ): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତ ମଣିପଡ଼ର ଗ୍ରାମର ଅଙ୍ଗନୱାଡି କର୍ମୀ ଚୟନକୁ ନେଇ ଚାଲିଥିବା ବିବାଦ ଥମୁନାହିଁ। ଚୟନ ହୋଇଥିବା କର୍ମୀ ଗ୍ରାମର ନୁହନ୍ତି ବୋଲି ଗ୍ରାମବାସୀ କହୁଥିବା ବେଳେ ପ୍ରଶାସନ ପାଖରେ ସେ ଗ୍ରାମର ବୋହୂ ହୋଇଥିବା ପ୍ରମାଣ ରହିଛି। ଏହାକୁ ନେଇ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସେପଟେ ପ୍ରଶାସନ ପାଖରେ ସମସ୍ତ ପ୍ରମାଣପତ୍ର ଥିବାରୁ ଶୁକ୍ରବାର କେନ୍ଦ୍ର ଖୋଲିବା ପାଇଁ ଗ୍ରାମବାସୀଙ୍କୁ କୁହାଯାଇଛି। ଗୁରୁବାର ଅଙ୍ଗନୱାଡି କେନ୍ଦ୍ରକୁ ଫିରିଙ୍ଗିଆ ବିଡ଼ିଓ ଅନୁପ ଅଭିଷେକ ବେହେରା, ସିଡ଼ିପିଓ ନିବେଦିତା ପ୍ରଧାନ ଏବଂ ୨ ଜଣ ସୁପରଭାଇଜର ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ଥିଲେ ବି ଘଟଣାର ସମାଧାନ ହୋଇନାହିଁ। ନିଯୁକ୍ତି ପାଇଥିବା ଅଙ୍ଗନୱାଡି କର୍ମୀଙ୍କ ଚୟନ ପ୍ରକ୍ରିୟା ଠିକ୍ ଅଛି। ସେ ଅଧିକ ମାର୍କ ରଖି ଚୟନ ହୋଇଛନ୍ତି। ସେ ବି ଏହି ଗ୍ରାମର ବୋହୂ ୨୦୨୨ ମସିହାରୁ ହୋଇଛନ୍ତି। ଯାହାର ପ୍ରମାଣପତ୍ର ସେ ଦାଖଲ କରିଛନ୍ତି। ପ୍ରଶାସନିକ ଅଧିକାରୀ ଏହା କହିବାରୁ ଗ୍ରାମବାସୀ ଏହାକୁ ମାନି ନାହାନ୍ତି। ଅନୁସୂଚିତ ଜନଜାତି ପରମ୍ପରା ଅନୁସାରେ ବାହାଘର ହୋଇନାହିଁ। ତେଣୁ ଏହାକୁ ଆମେ କିପରି ମାନିବୁ ଯଦି କହୁଛନ୍ତି ବାହାଘର ପ୍ରମାଣପତ୍ର ଅଛି, ତାହାରେ ଏଭଠି ଦେଖାନ୍ତୁ ବୋଲି ଗ୍ରାମବାସୀ ଅଡି ବସିଥିଲେ। କିନ୍ତୁ ଅଧିକାରୀମାନେ ଏହା ଦେଖେଇ ନ ଥିଲେ।

ଚୟନ ପ୍ରକ୍ରିୟାକୁ ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ସେଥିରେ ଗ୍ରେସ ମାର୍କ ସମ୍ପର୍କରେ କିଛି ଉଲ୍ଲେଖ ନ ଥିଲା। ନିୟମ ଅନୁସାରେ ପ୍ରାର୍ଥୀ ଯଦି ଅନୁସୂଚିତ ଜାତି ଏବଂ ଜନଜାତି ହୋଇଥିବେ, ଯୁଦ୍ଧ ୨ ପଢ଼ିଥିବେ ତାହାଲେ ସେମାନଙ୍କୁ ୧୦ ମାର୍କ ମିଳିବ। ଯଦି କିଏ ଯୁଦ୍ଧ ୨ରୁ ଯୁଦ୍ଧ ୩ ପଢ଼ିଥିବେ ତାହାଲେ ତାଙ୍କୁ ଅଧିକ ୫ ମାର୍କ ମିଳିବ। ଯାହା ଦାବିଦାର ଥିବା ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇଛି। ଯିଏ ଚୟନ ହୋଇଛନ୍ତି ସେ ଯୁକ୍ତ ୩ ପଢ଼ି ଥିବାରୁ ତାଙ୍କୁ ୧୫ ମାର୍କ ଅଧିକ ମିଳିଛି। କୁହାଯାଇଛି ଯେ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ସେ ଜଣେ ଅନାଥ ଝିଅ। ନିୟମ ଅନୁସାରେ ଅନାଥ ଶ୍ରେଣୀରେ ଯିଏ ପ୍ରାର୍ଥୀ ଥିବେ ତାଙ୍କୁ ମଧ୍ୟ ୫ ମାର୍କ ଅଧିକ ମିଳିବ। କିନ୍ତୁ ଏହି ୫ ମାର୍କ ସମ୍ପୃକ୍ତ ପ୍ରାର୍ଥୀ ପାଇ ନାହାନ୍ତି। ଯାହା ଫଳରେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ଅଧିକ ମାର୍କ ହୋଇଛି। କିନ୍ତୁ ଯୁକ୍ତ ୨ରେ ଦ୍ୱିତୀୟରେ ଥିବା ପ୍ରାର୍ଥୀଙ୍କ ଅଧିକ ମାର୍କ ରହିଛି। ତାଙ୍କୁ ଅନୁସୂଚିତ ଜାତି ହିସାବରେ ୧୦ ମାର୍କ ମିଳିଥିବା ବେଳେ ଅନାଥ ଲାଗି ୫ ମାର୍କ ମିଳିନାହିଁ। କାରଣ ସେ ଅନାଥ ଶ୍ରେଣୀର ପ୍ରମାଣପତ୍ର ଦାଖଲ କରି ନାହାନ୍ତି। ତାଙ୍କୁ ବି ଏଥିପାଇଁ ସୁଯୋଗ ଅବା ସମୟ ଦିଆଯାଇନାହିଁ ବୋଲି ଗ୍ରାମର ଜଣେ ଯୁବକ ନିଜ ନାମ ଗୋପନ ରଖି କହିଛନ୍ତି।

ସୂଚନାଯୋଗ୍ୟ, ଏହି ଚୟନ ପ୍ରକ୍ରିୟାକୁ ବିରୋଧ କରି ଗ୍ରାମବାସୀ ଗତ ୨୮ ତାରିଖରେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଥିଲେ। କର୍ମୀ ଚୟନରେ ବ୍ୟାପକ ଅନିୟମିତତା ଏବଂ ଅର୍ଥକାରବାର ହୋଇଥିବା ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ।

# କାଳୀପୂଜା ଭସାଣି ପାଇଁ ପୋଲିସର ବ୍ୟାପକ ବ୍ୟବସ୍ଥା



ପୋଲିସ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

## ୪୦ ପୋଲିସ ଅଧିକାରୀ, ୧୭ ପ୍ଲାଟୁନ ଫୋର୍ସ ମୁତୟନ ହେବେ

**ଯାଜପୁରରୋଡ୍‌,୩୦।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦରେ ଶୁକ୍ରବାର କାଳିପୂଜାର ଭସାଣି ଓ ମେଲଣ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ଅପରାହ୍ନରେ ଜିଲା ପୋଲିସ ପକ୍ଷରୁ ସଂସ୍କୃତି ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ଯଶପ୍ରତାପ ଶ୍ରୀମଲ, ଅତିରିକ୍ତ ଏସ୍‌ପି ପୁଷ୍ପଲତା ବାରିକ ଓ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସୁପ୍ରସନ ମଲ୍ଲିକ ଯୋଗଦେଇ କିଭଳି ସୂଚାରୁ ରୂପେ ମେଲଣ ଓ ଭସାଣି ଉତ୍ସବ ଶେଷ ହେବ ସେ ନେଇ ଆଲୋଚନା କରିଛନ୍ତି। ମଧ୍ୟାହ୍ନ ୧ଟାରୁ ସହର ମଧ୍ୟକୁ କେବଳ ଜରୁରୀକାଳୀନ ଓ ଅନୁମତି ପତ୍ର ଥିବା ଯାନ ଛଡ଼ାଯିବ। ଅନ୍ୟ କୌଣସି ଯାନ ଛଡ଼ାଯିବନାହିଁ। ପୋଲିସ ପକ୍ଷରୁ ବିଭିନ୍ନ ରାସ୍ତାରେ ବ୍ୟାରିକେଡ୍ କରାଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯିବ। ସହରର ଗୋପବନ୍ଧୁ ଛକ, ନହକା ଛକ, ତୋରଦା ବାଇପାସ ଛକରେ ୩ ପୋଲିସ କଣ୍ଟ୍ରୋଲ ରୁମ ରହିବ। ଆପାତକାଳୀନ ପରିସ୍ଥିତି ପାଇଁ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀକାଳୀନ ଯାନ ପ୍ରସ୍ତୁତ ରଖାଯିବ। ଜିଲା ପୋଲିସ ପକ୍ଷରୁ ଜଣେ ଏଏସ୍‌ପି ଓ ଜଣେ ଡେପୁଟି କମିଶନରଙ୍କ ନେତୃତ୍ୱରେ ୫ ଡିଏସ୍‌ପି, ୧୧ ଇନ୍ସପେକ୍ଟର, ୫୭ ଏସ୍‌ଆଇ/ଏଏସ୍‌ଆଇ ସହ ୨୨ ସେକ୍ସନ ଫୋର୍ସ ମୁତୟନ ହେବେ। ମେଲଣ ଉତ୍ସବରେ ୧୭ ମେଢ଼ ସାମିଲ ହେବେ। ମେଢ଼ଗୁଡ଼ିକ ବିଭିନ୍ନ ପାରମ୍ପରିକ ନୃତ୍ୟଗୀତ ସହ ବାଜା ବଜାଇ ବାଣ ଫୁଟାଇ ଶୋଭାଯାତ୍ରାରେ ଆସିବେ। ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଜିଲା ତଥା ଜିଲା ବାହାରୁ ବହୁ ଜନସମାଗମ ହେବାର ଆକଳନ କରାଯାଇଛି। ବୈଠକରେ ବିଭିନ୍ନ ଥାନା ଅଧିକାରୀ, ପୋଲିସ କର୍ମଚାରୀ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ, ଚେନ୍ ଛିନ୍‌ତାଇ ଓ ଯେକୌଣସି ବିଶୃଙ୍ଖଳା ଉପରେ ନଜର ରଖିବାକୁ ମତ ଦେଇଛନ୍ତି।

# ରାଷ୍ଟ୍ରୀୟ ଏକତା ଦିବସରେ ପ୍ରବନ୍ଧଲିଖନ ପ୍ରତିଯୋଗିତା

**କାଳିଆପାଣି,୩୦।୧୦ (ଅସିତ ମହାନ୍ତ):**


କୃତୀ ପ୍ରତିଯୋଗୀଙ୍କୁ ଥାନାଧିକାରୀ ପୁରସ୍କୃତ କରୁଛନ୍ତି।

ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ କାଳିଆପାଣି ଥାନା ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଗୁରୁବାର ଏକ ପ୍ରବନ୍ଧଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ କଲୋନୀ ପରିସରରେ ଥିବା ଶ୍ରମଶକ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୩୯ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ପ୍ରତିଯୋଗିତା ପୂର୍ବରୁ ଏକ ସଭା ଆୟୋଜନ କରାଯାଇଥିଲା। ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦୀପା ବିଳାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଥାନା ଅଧିକାରୀ ଶିବଚରଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଆତ୍ମ ଜୀବନୀ ସମ୍ବନ୍ଧରେ କହିଥିଲେ। ପରେ ଏହାକୁ ନେଇ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ରୀ ସିମରନ ବାରିକ ପ୍ରଥମ, ଶୁଭମ କୁମାର ବେହେରା ୨ୟ ଓ ଇପ୍ସିତା ବେହେରା ୩ୟ ସ୍ଥାନ ହାସଲ କରିଥିଲେ। ଉକ୍ତ ୩ ଜଣଙ୍କୁ ଥାନା ଅଧିକାରୀ ବେହେରା ଓ ପୂର୍ବତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରଧାନ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ପଦ୍ମାବତୀ ସ୍ୱାଇଁ, ଝାନ୍ସୀରାଣୀ ପୂର୍ତ୍ତି, ନଳିନୀ ପ୍ରଭା ସ୍ୱାଇଁ, ସମ୍ୟା ସୁଦୀପ୍ତା ମଲିକ, ବିଦ୍ୟାଧର ମଲିକ, ତରୁଣ ପାତ୍ର, ଲଳିତ ମହାନ୍ତ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଥାନା ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ସାହୁ, ରାଜେନ୍ଦ୍ର ପ୍ରସାଦ ନାୟକ, ତାପସ କୁମାର ପାତ୍ର, ତୁଷାର କୁମାର କର, ଲକ୍ଷ୍ମୀ ମୁଣ୍ଡା ଓ ସୁମିତ୍ରା ଗଇପାଇ ଉପସ୍ଥିତ ଥିଲେ।

# ବାଇକ୍ ଚାଳକଙ୍କୁ ଚାପିଦେଲା ଟ୍ରେଲର

**ସୁକିନ୍ଦା,୩୦।୧୦(ସତ୍ୟଜିତ ଦାଶ):**

ସୁକିନ୍ଦା ମୁଖ୍ୟ ବଜାରର ବିଜୁ ପଟ୍ଟନାୟକ ଛକ ଅନତି ଦୂରରେ ଏକ ପାଉଁଶ ବୋଝେଇ ଟ୍ରେଲର ଗୁରୁବାର ଜଣେ ବାଇକ ଚାଳକଙ୍କୁ ଚାପି ଦେଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ସୁକିନ୍ଦା ଥାନା ଅନ୍ତର୍ଗତ ହାତିବାରୀ ଗ୍ରାମର ଶୀତାଂଶୁ ନାୟକ ବୋଲି ଜଣାପଡ଼ିଛି। ସେ ଖଣି ଅଞ୍ଚଳରେ ଡେକୋ କମ୍ପାନୀରେ କାର୍ଯ୍ୟ କରୁଥିଲେ। କାମ ସାରି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବିଭାଗ ସହାୟତାରେ ମୃତକଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଶୀତାଂଶୁ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନର ସଦସ୍ୟ ହୋଇଥିବାରୁ ୟୁନିୟନର ସାଧାରଣ ସମ୍ପାଦକ ଆମଲେନ୍ଦୁ ବେହୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଥାନାରେ ନଂ.୨୭୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

# ‘ମୂଲ୍ୟବୋଧ ରାଜନୀତିର ପରିଚୟ ଦେଇଥିଲେ ରବି ଲାବଣ୍ୟ’

**ଧର୍ମଶାଳା,୩୦।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦଠାରେ ଗୁରୁବାର ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଦ୍ୱିତୀୟ ଶ୍ରାଦ୍ଧଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ, ଅବସରପ୍ରାପ୍ତ ଅଧକ୍ଷ ଜଗନ୍ନାଥ ଜେନା, ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଯାଜପୁର ଜିଲା ପୂଜ୍ୟପୂଜା ସଂସଦର ଆବାହକ ଅଭିମନ୍ୟୁ ଧଳ ଅତିଥିଭାବେ ଯୋଗଦେଇ ଲାବଣ୍ୟଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଲାବଣ୍ୟ ଏକାଧାରରେ ଜଣେ ରାଜନେତା, ସାମାଜିକ କର୍ମୀ, ନାଟ୍ୟନିର୍ଦ୍ଦେଶକ, ନୃତ୍ୟଶିଳ୍ପୀ, ଶିକ୍ଷକ ଓ ଶ୍ରମିକ ନେତା ଥିଲେ। ଗୋଟିଏ ଦଳରେ ରାଜନୀତି କରି ସେ ମୂଲ୍ୟବୋଧ ରାଜନୀତିର ପରିଚୟ ଦେଇଥିଲେ। ତାଙ୍କ ସେବା, ତ୍ୟାଗ ଓ ଓଡ଼ିଆ ପ୍ରୀତି ତାଙ୍କୁ ଅମର କରି ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତିଳତର୍ପଣ, ସମୂହ ଦୀପଦାନ, ଗୀତା ପାଠ ସହ ବିଭିନ୍ନ ସେବାମୂଳକ କାର୍ଯ୍ୟ ଆୟୋଜିତ ହୋଇଥିଲା। ଲାବଣ୍ୟଙ୍କ ନିଜ ଗ୍ରାମସ୍ଥିତ ଶ୍ରୀଶ୍ୟାମସୁନ୍ଦରଜୀଉ ପୁଷ୍କରିଣୀରେ ତିଳତର୍ପଣ ଅନୁଷ୍ଠିତ ହୋଇଥିଲା। ତାଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ କର୍ତ୍ତାଭାବେ ଯୋଗଦେଇଥିଲେ। ପରେ ଶ୍ୟାମସୁନ୍ଦର ମନ୍ଦିର ପରିସରରେ ଲାବଣ୍ୟଙ୍କର ଆତ୍ମାର ସଦ୍‌ଗତି କାମନା କରାଯାଇ ସମୂହ ଦୀପଦାନ କରାଯାଇଥିଲା। ଶ୍ୟାମସୁନ୍ଦରଜୀଉଙ୍କ ବଡ଼ସିଂହାର ବେଶ କରାଯାଇ ପୂଜା ଅନୁଷ୍ଠିତ ହୋଇଥିଲା। ଏଥିସହିତ ଗୀତାପାଠ କରାଯାଇଥିଲା। ଏହାପରେ ଧର୍ମଶାଳା ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଲାବଣ୍ୟଙ୍କ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।


ରବି ଲାବଣ୍ୟଙ୍କ ଶ୍ରାଦ୍ଧ ଦିବସରେ ଧର୍ମଶାଳା ଡାକ୍ତରଖାନରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

# ଗୋମାତାଙ୍କ ଯତ୍ନ, ସୁରକ୍ଷା ନେଇ ଆଲୋଚନା



ଗୋପାଷ୍ଟମୀ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଗୋପାଷ୍ଟମୀ ଦିବସ ପାଳିତ

**କାଏମା,୩୦।୧୦(ଶିବପ୍ରସାଦ ମହାନ୍ତି):**

ଜାରକା ଗୋମାତା ସେବା ସଙ୍ଗଠନ ପକ୍ଷରୁ ଗୁରୁବାର ଗୋପାଷ୍ଟମୀ ଦିବସ ଧର୍ମଶାଳା ମହୋତ୍ସବ ପଡ଼ିଆଠାରେ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ମିନତି ସାହୁ, ରାଜ୍ୟ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତୀୟ ମାର୍ଗଦର୍ଶକ ସଦସ୍ୟ ବାବାଜୀ ବିଶ୍ୱନାଥ ଦାସ, ଚଢ଼େଇଧରା ସ୍ଥିତ ମୁନିବାବା ଆଶ୍ରମର ମଠାଧୀଶ ସାମୀ ଜ୍ଞାନାନନ୍ଦ ସରସ୍ୱତୀ ଓ ଯାଜପୁର ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ଦାସ ଯୋଗଦେଇ ଗୋମାତାଙ୍କ ଯତ୍ନ ଓ ସଂରକ୍ଷଣ ଏବଂ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଦୈନିକ ରାସ୍ତାରେ ଗୋମାତାଙ୍କ ଦୁର୍ଘଟଣା ଘଟୁଛି। ସେଥିମଧ୍ୟରୁ ଅନେକଙ୍କ ମୃତ୍ୟୁ ହେଉଛି। ଆଉ କିଛି ଆଘାତ ପାଇ ଛଟପଟ ହେଉଛନ୍ତି। ସେମାନଙ୍କ ସୁରକ୍ଷା ନିମନ୍ତେ ସମସ୍ତ ସନାତନ ଧର୍ମୀ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ବାବାଜୀ ବିଶ୍ୱନାଥ ଦାସ ନିବେଦନ କରିଥିଲେ। ଜିଲା ଓ ଜିଲା ବାହାରର ଅନେକ ସଂଗଠନ ଅସହାୟ ଲୋକ ଏବଂ ଗୋମାତାଙ୍କ ସେବା କରି ଆସୁଥିବାରୁ ସେହି ସଙ୍ଗଠନର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ନିଷିକାନ୍ତ ଖଟୁଆ, ପୀତବାସ ସାହୁ, ଗଣେଶ୍ୱର ସାହୁ, ପ୍ରଶାନ୍ତ ବେହେରା ଓ ଲକ୍ଷ୍ମଣ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ଜର୍ଦ୍ଦା ଷ୍ଟୋରରୁ ଚୋରି ଅଭିଯୋଗ

**ଚଢ଼େଇଧରା,୩୦।୧୦(ଦିଲୀପ ପରିଡ଼ା):**

ଜେନାପୁର ଥାନା ଅନ୍ତର୍ଗତ ବରଡ଼ା ଛକରେ ଥିବା ଏକ ଜର୍ଦ୍ଦା ଷ୍ଟୋରରୁ ବୁଧବାର ଶଟର ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଷ୍ଟୋର ମାଲିକ ଗଡ଼ମଧୁପୁର ଗ୍ରାମର ମାନସ ସାହୁ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ମାନସ ଜର୍ଦ୍ଦା କମ୍ପାନୀର ବିଭିନ୍ନ ସାମଗ୍ରୀ ଓ ପାଣି ବୋତଲ ଏବଂ କୁର୍କୁରେ ରଖି ବିଭିନ୍ନ ଦୋକାନକୁ ଯୋଗାଇଥାନ୍ତି। ଦିନରେ ସାମଗ୍ରୀ ଆସିଥିବା ଖବର ପାଇ ଦୁର୍ବୃତ୍ତ ଲୁଟ୍ କରିଛନ୍ତି।

# ପୂଜା ପରେ ଖାଁ ଖାଁ ସହର

**ଯାଜପୁର ଟାଉନ,୩୦।୧୦ (ପ୍ରୟଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**



ଯାଜପୁର ସହରର କାଳୀପୂଜା ଶେଷ ହେବାପରେ ନିଃସ୍ତବ୍ଧ ଲାଗୁଛି ପୂଜା ମଣ୍ଡପ ଓ ଖାଁ ଖାଁ ଲାଗୁଛି ସହର। ଗତ ୧୯ ତାରିଖରେ ଲକ୍ଷ୍ମୀନାରାୟଣ ଓ ୨୦ ତାରିଖ ଦୀପାବଳି ମଧ୍ୟ ରାତ୍ରରେ ମା’ ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଥିଲା। ୨୧ ରୁ ୨୭ ସାତ ଦିନ ବ୍ୟାପୀ ମଣ୍ଡପରେ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାମଣ୍ଡପ ବୁଲିବାକୁ ଜିଲା ଓ ଜିଲା ବାହାରୁ ଦର୍ଶକ ଛୁଟି ଆସିଥିଲେ। ସହର ସାରା ରଙ୍ଗୀନ ଆଲୋକମାଳା ଓ ସୁଉଚ୍ଚ ତୋରଣରେ ରାସ୍ତାଘାଟ ଝଲସି ଉଠିଥିଲା। ଯାଜପୁର ସହର ଓ ବ୍ଲକରେ ୪୬ଟି ପୂଜା ମଣ୍ଡପରେ ପୂଜା ପାଉଥିଲେ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ। ମହାବୀର ଛକ, ବୈଦ୍ୟରାଜପୁର, ମାନସାପୋଲ, କିଆନାଳୀ, କଚେରୀ ବଜାର, ମାର୍କେଟ ଛକ, ହରପାର୍ବତୀ ଛକ, ବଡ଼ ବଜାର, ସଦାବ୍ରତ ମଠ, ସାନବଜାର, ନାରାୟଣ ଛକ, ଗରିଆପୁର, ବିରଜା ହାଟ, ବାହାବଳପୁରରେ ମା’ ଶ୍ୟାମାକାଳୀ ଓ ରାଣୀ ରାମଚନ୍ଦ୍ରପୁରରେ କୃଷ୍ଣକାଳୀଙ୍କ ପୂଜା ହୋଇଥିଲା। ଭାଗବତପୁର, ବୈଦ୍ୟନାଥନଗର, ଗୋଖନା ବଜାର, କଲେଜ ଛକ, ବ୍ଲକ ଛକ, ବାଣପୁର, ଏନ୍‌ସି କଲେଜ ସମ୍ମୁଖ, ମାତୃଶକ୍ତି ଷ୍ଟୁଡିଓ, ଭବାନୀଗଞ୍ଜ, ମେଡିକାଲ ରୋଡ୍, ହାବେଳି ବଜାର, ଟ୍ୟାକ୍ସି ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ, ବିରଜା ସିନେମା ରୋଡ୍, ସର୍ବହରା ଛକ, ଶିତଳେଶ୍ୱର, ଅମ୍ବିକାଇ, ଦାମୋଦରପୁର, ବେପାରୀ ବରହମପୁର, ଯୋଡ଼ିକୁଅ ଛକ, ବେଲାରପୁର, କଲ୍ୟାଣପୁର, ତେନ୍ତୁଳିମାଳ ଛକ, ଖଣ୍ଡେଶ୍ୱର, କୁଆଁସରପୁର, ବିରଜା ହାଇସ୍କୁଲ ଛକ ପ୍ରମୁଖ ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ପୂଜା ହୋଇଥିଲା।

ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତିକୁ ଶ୍ରଦ୍ଧାଳୁ ପ୍ରତ୍ୟେକ ସନ୍ଧ୍ୟାରେ ଦର୍ଶନ କରିବା ସହ ମୀନା ବଜାରରେ ଭିଡ଼ ଜମାଉଥିଲେ। ସନ୍ଧ୍ୟାରେ ପୂଜା ମଣ୍ଡପରେ ବାଜୁଥିବା ଗୀତ ଓ ଦର୍ଶକଙ୍କ କୋଳାହଳରେ ସହର ଘୋଘୋ ହେଉଥିଲା। ପ୍ରତ୍ୟେକ ପୂଜା ମଣ୍ଡପରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍, ଓଲିଉଡ୍ କଣ୍ଠଶିଳ୍ପୀ ଏବଂ ଓଡ଼ିଆ ଚଳଚ୍ଚିତ୍ରର ଆଗଧାଡ଼ିର ଅଭିନେତା, ଅଭିନେତ୍ରୀଙ୍କ ସୁଅ ଛୁଟୁଥିଲା। ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଭିଡ଼ ଜମାଉଥିଲେ। ସହରର ବଡ଼ବଜାରରୁ ଗରିଆପୁର ଛକ ପର୍ଯ୍ୟନ୍ତ ଅତ୍ୟଧିକ ଭିଡ଼ ଲାଗୁଥିଲା। ଠେଲା ପେଲାରେ ଲୋକେ ନାରାୟଣ ଛକ ପୂଜା ମଣ୍ଡପରେ ପ୍ରବେଶ କରିବା ସହ ଫଟୋ ଉଠାଉଥିଲେ। ସମସ୍ତେ ଆନନ୍ଦ ଉଲ୍ଲାସର ସହ ପୂଜାକୁ ଉପଭୋଗ କରୁଥିଲେ। ଗତ ୨୮ ଓ ୨୯ ଦୁଇ ଦିନ ବ୍ୟାପୀ ଲକ୍ଷ୍ମୀନାରାୟଣ ଓ ମା’ ଶ୍ୟାମାକାଳୀଙ୍କ ଭସାଣି ଅନୁଷ୍ଠିତ ହୋଇଥିଲା। ବାତ୍ୟା ମୋନ୍ଥା ପ୍ରଭାବରେ ଡୁହାକୁ ଡୁହା ବର୍ଷା ହୋଇଥିଲେ ମଧ୍ୟ ବର୍ଷାକୁ ଖାତିର ନ କରି ସବୁ ମେଢ଼ ଭସାଣିରେ ସାମିଲ ହୋଇଥିଲେ। ଦେବୀଗଡ଼ା ଘାଟରେ ଅସ୍ଥାୟୀ ପୋଖରୀରେ ମେଢ଼ ବିସର୍ଜନ ହୋଇଥିଲା। ଯେଉଁ ପୂଜା ମଣ୍ଡପରେ ଶ୍ୟାମାକଳୀ ଓ ଲକ୍ଷ୍ମୀନାରାୟଣ ପୂଜା ପାଉଥିଲେ ଆଜି ସେହି ମଣ୍ଡପ ଶୂନଶାନ ହୋଇପଡ଼ିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VHF-KUR-511, ତା.23.10.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସର୍ବନିମ୍ନ ସ୍କେୟାର ଉପକରଣଗୁଡ଼ିକ ଦ୍ୱାରା 101 ସ୍ଥାନଗୁଡ଼ିକ ନିମନ୍ତେ 25 ୱାଟ୍ ଡିଜିଟାଲ VHF ସେଟ୍‌ର ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ (₹): 68,55,447.26, EMD (₹) : 1,37,100.00।
ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-740/Q/25-26

भारतीय प्रतिभूति और विनिमय बोर्ड
Securities and Exchange Board of India

**ନିଯୁକ୍ତି - ୨୦୨୫**

**ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଅଫିସର ଗ୍ରେଡ୍ “ଏ” ପଦବୀ ଲାଗି ଆବେଦନ**

ପ୍ରତିଭୂତି ବଜାରର ବିକାଶ ଏବଂ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଭୂତି ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇବା ନିମନ୍ତେ ଏକ ସଂସଦୀୟ ଅଧିନିୟମ ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ)ର ପ୍ରତିଷ୍ଠା କରାଯାଇଛି। ସେବୀ ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଗ୍ରେଡ୍ ‘ଏ’ରେ ଅଫିସର ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଆବେଦନ ଆହ୍ୱାନ କରୁଛି।
ଆବେଦନକୁ **ଅନ୍‌ଲାଇନ୍‌ରେ ଅକ୍ଟୋବର ୩୦, ୨୦୨୫ରୁ ନଭେମ୍ବର ୨୮, ୨୦୨୫** ପର୍ଯ୍ୟନ୍ତ ପୂରଣ କରାଯାଇପାରିବ।
ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ୍ ଆବେଦନ ପତ୍ର ପାଇଁ ସେବୀର ନିମ୍ନଲିଖିତ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://www.sebi.gov.in/sebiweb/about/AboutAction.do?doVacancies=yes
CBC 15204/11/0175/2526

**VISA STEEL LIMITED**
CIN: L51109OR1996PLC004601
Registered Office: 11 Ekamra Kanan, Nayapalli, Bhubaneswar 751 015, Odisha
Phone: (+91-674) 255 2479, Fax: (+91-674) 255 4661, Website: www.visasteel.com
Email ID for registering Investor Grievances: cs@visasteel.com

**CORRIGENDUM CUM ADDENDUM TO NOTICE OF THE EXTRA-ORDINARY GENERAL MEETING SCHEDULED TO BE HELD ON SUNDAY, NOVEMBER 02, 2025 AT 1200 HRS (IST) THROUGH VIDEO CONFERENCING / OTHER AUDIO VISUAL MEANS**

We would like to draw the attention of the members of VISA Steel Limited ("Company") towards the notice dated October 04, 2025 ("EOGM Notice"), issued for convening the Extra-Ordinary General Meeting ("EOGM") of the members of the Company on Sunday, November 02, 2025 at 1200 Hrs (IST) through video conferencing ("VC")/ Other Audio Visual Means ("OAVM"). The EOGM Notice has been dispatched to the members of the Company on Friday, October 10, 2025, in due compliance with the provisions of the Companies Act, 2013, read with the relevant rules made thereunder and the circulars issued by the Ministry of Corporate Affairs ("MCA") and Securities and Exchange Board of India ("SEBI") and other applicable laws.
Subsequent to the dispatch of the EOGM Notice, pursuant to the application filed by the Company for obtaining in-principle approval of BSE Limited ("BSE") and the National Stock Exchange of India Limited ("NSE" and collectively with BSE "Stock Exchanges") for the proposed preferential issue of warrants as detailed in Item No. 1 in the EOGM Notice (along with the explanatory statement thereto), NSE has asked the Company to provide certain clarifications/information in respect of the Preferential Issue, by way of a Corrigendum to the EOGM Notice.
Therefore, a Corrigendum is being issued to the EOGM Notice ("Corrigendum Cum Addendum") to inform the members of the Company regarding certain clarifications/information in relation to explanatory statement for Item No.1 of the EOGM, as detailed in the Corrigendum. This Corrigendum shall form an integral part of the EOGM Notice together with the explanatory statement thereof, which has already been circulated to the members of the Company on October 10, 2025, and on and from the date hereof, the EOGM Notice together with the explanatory statement thereto shall always be read in conjunction with the Corrigendum. All other content of the EOGM Notice together with the explanatory statement thereof, save and except as modified or supplemented by the Corrigendum shall remain unchanged.
The dispatch of the Corrigendum through electronic mode has been completed on October 30, 2025 in compliance with the provisions of the Companies Act, 2013 read with the relevant rules made thereunder and the circulars issued by MCA and SEBI and other applicable laws.
The Corrigendum is available on the website of the Company at www.visasteel.com, the websites of the Stock Exchanges at www.bseindia.com and www.nseindia.com, and is also available on the website of KFin Technologies Limited at URL: https://evoting.kfintech.com/.
All the processes, notes and instructions relating to attending the EOGM through VC/OAVM, remote e-voting at the EOGM shall remain same as stated in the EOGM Notice.

By order of the Board of Directors
For VISA Steel Limited
Sd/-
Amisha Chaturvedi Khanna
(Company Secretary)
Place : Kolkata
Date : 30 October, 2025

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 45-SBP-TRD-OT-2025-26, ତା.23.10.2025ରିଖ
[illegible]
ଆନୁମାନିକ ମୂଲ୍ୟ (₹) : 42,00,386.32, EMD (₹) : 84,000.00
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2025 ରିଖ 1530 ଘଟିକାରେ।
[illegible]
... କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-737/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

[illegible]
... ଦସ୍ତାବିଜ ମୂଲ୍ୟ: ଶୂନ୍; ବନ୍ଦ ହେବା ତାରିଖ ଓ ସମୟ: ତା୦୮।୧୨।୨୦୨୫ରିଖ ୧୧.୩୦ ଘଟିକାରେ। ସମାପ୍ତି ଅବଧି: ୧୮ (ଅଠର) ମାସ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **(PR-781)**

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଦାଣ୍ଡିସାହି ଶାଖା** (୧)ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୫୦। | (କ)ଟ.୧୯,୦୦,୦୦୦/- / (ଖ) ୨୮.୧୦.୨୦୨୫ / (ଗ) ୩୦.୧୦.୨୦୨୫ | ୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ପ୍ରଦୀପ କୁମାର ମଲ୍ଲିକ** ଏବଂ **ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ। |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। [illegible]

ତାରିଖ: ୩୦.୧୦.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ବ୍ୟକ୍ତିଗତ ଚକଭୁକ୍ତ ଜମିରେ ସରକାରୀ ରାସ୍ତା

ଜଗତ୍ସିଂହପୁର, ୩୦।୧୦ (ପ୍ରମୋଦ କୁମାର ନାୟକ)

ଜଗତ୍ସିଂହପୁର ଜିଲା ବିରିଡ଼ି ତହସିଲ ଅନ୍ତର୍ଗତ ଉତ୍ତରଶାସନ ମୌଜାର ବ୍ୟକ୍ତିଗତ ଚକଭୁକ୍ତ ଜମିରେ ସରକାରୀ ଅର୍ଥ ବିନିମୟରେ ରାସ୍ତା ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ , ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଗଲେ ମିଳୁ ନ ଥିବା କୁହାଯାଇଛି। ଏହାକୁ ନେଇ କ୍ଷତିଗ୍ରସ୍ତ ଜମି ମାଲିକ ତଥା ବିରିଡ଼ି ଥାନା ମଧଶାସନ ତରଡ଼ାପାରୀ ଗ୍ରାମର ନୀଳମଣି ସାହୁ ଓ ସନାତନ ସାହୁ ଦୁଃଖ ପ୍ରକାଶ କରିବା ସହ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଏସ୍‌ପି, ବିରିଡ଼ି ଆଇଆଇସି, ଜଗତ୍ସିଂହପୁର ଏମ୍‌ପି ଓ ବିରିଡ଼ି ବିଡିଓଙ୍କୁ ଅବଗତ କରି ନ୍ୟାୟ ଭିକ୍ଷା କରିଥିବା କହିଛନ୍ତି।

ନୀଳମଣି ଓ ସନାତନ କରିଥିବା ଅଭିଯୋଗ ଅନୁଯାୟୀ, ସେମାନଙ୍କ ଉତ୍ତରଶାସନ ମହାଜନ ସାହିରେ ଖାତା ସଂଖ୍ୟା ୧୦୨୩ ଅନ୍ତର୍ଗତ ଚକ ସଂଖ୍ୟା ୩୩୩ ତଥା ପ୍ଲଟ୍ ସଂଖ୍ୟା




ବ୍ୟକ୍ତିଗତ ଜମିରେ ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା ରାସ୍ତା।

## ଅର୍ଥ ତୋସରପାତ ପାଇଁ ହୋଇଥିଲା ମସୁଧା

୧୬୭୬ରେ ୬୫ ଡିସିମିଲ ଜମି ରହିଛି। ସେହିପରି ଖାତା ସଂଖ୍ୟା ୧୦୨୪ ଅନ୍ତର୍ଗତ ଚକ ସଂଖ୍ୟା ୩୩୪ ଓ ପ୍ଲଟ୍ ସଂଖ୍ୟା ୧୬୭୭ରେ ୨୨ ଡିସିମିଲ ଜମି ରହିଛି। ଖାତା ସଂଖ୍ୟା ୪୮୯ ଅନ୍ତର୍ଗତ ଚକ ସଂଖ୍ୟା ୩୩୨ ଓ ପ୍ଲଟ୍ ସଂଖ୍ୟା ୧୬୭୫ରେ ୬୪ ଡିସିମିଲ ଜମି ଅଛି। ଦୁଃଖର କଥା ହେଲା ସେମାନଙ୍କ ଏହି ଜମିରେ ବିରଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ଏକ ଢଳେଇ ରାସ୍ତା ନିର୍ମାଣ କରାଯାଇଛି। ଏହା ଉକ୍ତ ଚକ ଜମିକୁ ଦୁଇଫାଳ କରି ଦେଇଛି। ରାସ୍ତା ନିର୍ମାଣ ପୂର୍ବରୁ ସେମାନଙ୍କୁ ସୂଚନା ଦିଆଯିବା ସହ ଅନୁମତି ନିଆଯିବାର ଥିଲା। ଯାହା କରାଯାଇ ନ ଥିଲା। ଏହାଦ୍ୱାରା ଚାଷ କରିବାରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ପରିସ୍ଥିତିରେ ସେମାନେ କ'ଣ କରିବେ କିଛି ଭାବିପାରୁନାହାନ୍ତି। ତେଣୁ ରାସ୍ତାଟିକୁ ତୁରନ୍ତ ଉଠାଇ ଦିଆଗଲେ ସେମାନେ ଉପକୃତ ହେବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ଅଛି। ଏଥିରେ ଏକଥା ସ୍ପଷ୍ଟ ଅଛି ଚକଭୁକ୍ତ ଧାନ ଜମିରେ ବିନା ଅନୁମତିରେ ଚଞ୍ଚକତା ପୂର୍ବକ ସଲାସୁତୁରାରେ ସରକାରୀ ରାସ୍ତା କରାଯାଇଛି। ଏହା ସରକାରୀ ଅର୍ଥର ତୋସରପାତ ଉଦ୍ଦେଶ୍ୟରେ ହୋଇଥିବା ସେମାନେ ସନ୍ଦେହ କରୁଛନ୍ତି। ଏ ସମ୍ପର୍କରେ ବିରିଡ଼ି ବ୍ଲକ କନିଷ୍ଠଯନ୍ତ୍ରୀ ଶାଶ୍ୱତି ଦାଶଙ୍କୁ ପଚାରିବାରେ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହି ପ୍ରସଙ୍ଗକୁ ଏଡାଇଯାଇଥିଲେ। ବିରିଡ଼ି ବିଡିଓ ଆୟୁଷୀ ପତି ଓ ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ରାୟଙ୍କ ସହ ସେମାନଙ୍କ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେମାନେ ଫୋନ୍ ଉଠାଇ ନ ଥିଲେ।

# ଉପଜିଲାପାଳଙ୍କ ଚିଠି ପରେ ହବିଷିଆଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଜଗତ୍ସିଂହପୁର, ୩୦।୧୦ (ପ୍ରମୋଦ କୁମାର ନାୟକ)

କାର୍ତ୍ତିକ ମାସରେ ହବିଷିଆଳିମାନେ ବିଭିନ୍ନ ପୀଠ, ମନ୍ଦିରରେ ରହି ଅତି ନିଷ୍ଠାର ସହ ବ୍ରତ ପାଳନ କରିଥାନ୍ତି। ଏହି ଅନୁଯାୟୀ ସିଦ୍ଧକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଅନେକ ହବିଷିଆଳି ରହୁଛନ୍ତି। ସେମାନଙ୍କ ରହିବା ଓ ପ୍ରସାଦ ସେବନ ଆଦି ବ୍ୟବସ୍ଥା ସରକାର କରୁଛନ୍ତି। କିନ୍ତୁ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା କଥା ସ୍ୱାସ୍ଥ୍ୟ ବିଭାଗ ବୁଝୁ ନ ଥିଲା, ଯାହା ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ପରିଦର୍ଶନ ସମୟରେ ଜଣାପଡ଼ିଥିଲା। ଉପଜିଲାପାଳ ଜଗନ୍ନାଥ ମନ୍ଦିରରେ ପହଞ୍ଚି ସେମାନଙ୍କ ସହ ଭାବ ବିନିମୟ କରିଥିଲେ। ସେମାନଙ୍କ ଆଶୀର୍ବାଦ ନେବା ସହ ଅନୁଭୂତି ଶୁଣିଥିଲେ। ଏହି ସମୟରେ କେତେଜଣ ଅସୁସ୍ଥ ଥିବା ଜାଣିବାକୁ ପାଇଥିଲେ। ସେମାନଙ୍କୁ କିପରି ତୁରନ୍ତ ଚିକିତ୍ସା ସୁବିଧା ମିଳିବ ସେନେଇ ପ୍ରତିଶ୍ରୁତି ଦେବା ସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି କରିଥିଲେ। ଏହି ଚିଠିରେ ତୁରନ୍ତ ଏକ ମେଡିକାଲ ଦଳ ପଠାଇ ବ୍ରତଧାରୀଙ୍କ ଆବଶ୍ୟକ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଉପଜିଲାପାଳଙ୍କ ଚିଠି ପାଇ ଏକ ମେଡିକାଲ ଦଳ ସିଦ୍ଧକ୍ଷେତ୍ରରେ ପହଞ୍ଚି ହବିଷିଆଳିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି।



ହବିଷିଆଳିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ସର୍ବୋତ୍ତମ ପୁରସ୍କାର ପାଇଲା ପିପିଏ

## ସାମୁଦ୍ରିକ ସପ୍ତାହ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର [illegible] ପ୍ରଦର୍ଶନ

ପାରାଦୀପ,୩୦।୧୦(ଶରତ ରାଉତ)

ମୁମ୍ବାଇଠାରେ ଚାଲିଥିବା ଭାରତ ସାମୁଦ୍ରିକ ସପ୍ତାହ ସମ୍ମିଳନୀରେ ପାରାଦୀପ ବନ୍ଦର ପ୍ରାଧିକରଣ(ପିପିଏ) ଗୁରୁବାର ସର୍ବୋତ୍ତମ ପ୍ରଦର୍ଶନୀ ପୁରସ୍କାର ହାସଲ କରିଛି। ପିପିଏର ଉତ୍କର୍ଷତା ଓ ଆଗାମୀ ଦିନରେ ହେବାକୁ ଯାଉଥିବା ନୂଆ ପ୍ରକଳ୍ପ ଯୋଗୁ ଅଭିବୃଦ୍ଧି ହେବ। ଏହି ମାନଦଣ୍ଡକୁ ନେଇ ପିପିଏ ଏହି ବୈଶ୍ୱିକ ସମ୍ମିଳନୀରେ ସମ୍ମାନିତ ହୋଇଛି। ସନ୍ଧ୍ୟାରେ କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଅନ୍ୟତମ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଓ ବିଭାଗର ସଚିବ ବିଜୟ କୁମାର ପିପିଏ ଷ୍ଟଲ ପରିଦର୍ଶନ କରିଥିଲେ। ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ ତାଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ମୁମ୍ବାଇରେ ୨୭ ରୁ ୩୧ ପର୍ଯ୍ୟନ୍ତ ସାମୁଦ୍ରିକ ସପ୍ତାହ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏଥିରେ ୨୦୦ରୁ ଅଧିକ ଦେଶ ଓ ୫୦୦ ରୁ ଅଧିକ ସାମୁଦ୍ରିକ ବିଶେଷଜ୍ଞ ଯୋଗ ଦେଇଛନ୍ତି।



ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ପୁରସ୍କାର ଗ୍ରହଣ କରୁଛନ୍ତି।

# ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା

ତିର୍ତ୍ତୋଲ, ୩୦।୧୦ (ଗୌରଙ୍ଗ ଚରଣ ସ୍ୱାଇଁ )

ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ନମସ୍ୟା ପ୍ରିୟଦର୍ଶନୀଙ୍କ ପରିଚାଳନାରେ ଏହି ମେଳା ଆୟୋଜନ କରାଯାଇଥିଲା। ମେଳାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା.ଅଜୟ ସାହୁ ବିଭାଗର ଗୋପାଳନ ସମେତ ବିଭିନ୍ନ ଚାଷ ଥିବା ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ଯୋଗଦେଇ ଏସବୁ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବିଡିଓ ଗିରିଜାଶଙ୍କର ମଲ୍ଲିକ, ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, ତିର୍ତ୍ତୋଲ ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ



ମେଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

ମହାନ୍ତି, ଜିଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ଶିଳ୍ପମନ୍ତ୍ରୀଙ୍କ ତିର୍ତ୍ତୋଲ ବ୍ଲକ ପ୍ରତିନିଧି ଉପେନ୍ଦ୍ର ମହାନ୍ତି ଓ ଜଗତ୍ସିଂହପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ବିବେକାନନ୍ଦ ହୋତା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଜରିଆରେ ଚାଷୀ ପାଇଁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ, ସହକାରୀ ମତ୍ସ୍ୟ ଅଧିକାରୀ ଗୋବିନ୍ଦ ପ୍ରଧାନ ଓ ଅତିରିକ୍ତ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୋକାନରୁ ଚୋରି ଅଭିଯୋଗ

ଚଢ଼େଇଧରା,୩୦।୧୦ (ଦିଲୀପ ପରିଡ଼ା)

ଜେନାପୁର ଥାନା ଅନ୍ତର୍ଗତ ବରଡ଼ା ଛକରେ ଥିବା ଏକ ଜର୍ଦ୍ଦା ଷ୍ଟୋରରୁ ବୁଧବାର ଶଟର ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଷ୍ଟୋର ମାଲିକ ଗଡ଼ମଧୁପୁର ଗ୍ରାମର ମାନସ ସାହୁ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ମାନସ ଜର୍ଦ୍ଦା କମ୍ପାନୀର ବିଭିନ୍ନ ସାମଗ୍ରୀ ଓ ପାଣି ବୋତଲ ଏବଂ କୁର୍କୁରେ ରଖି ବିଭିନ୍ନ ଦୋକାନକୁ ଯୋଗାଇଥାନ୍ତି। ଦିନରେ ସାମଗ୍ରୀ ଆସିଥିବା ଖବର ପାଇ ଦୁର୍ବୃତ୍ତ ଲୁଟ୍ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VHF-KUR-511, ତା.23.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସର୍ବନିମ୍ନ ସ୍କୋୟାର ଉପକରଣଗୁଡ଼ିକ ଦ୍ୱାରା 101 ସ୍ଥାନଗୁଡ଼ିକ ନିମନ୍ତେ 25 ୱାଟ୍ ଡିଜିଟାଲ VHF ସେଟ୍‌ର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ (₹):** 68,55,447.26, EMD (₹) : 1,37,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-740/Q/25-26



SEBI भारतीय प्रतिभूति और विनिमय बोर्ड
Securities and Exchange Board of India

**ନିଯୁକ୍ତି - ୨୦୨୫**

**ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଅଫିସର ଗ୍ରେଡ୍ "ଏ" ପଦବୀ ଲାଗି ଆବେଦନ**

ପ୍ରତିଭୂତି ବଜାରର ବିକାଶ ଏବଂ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଭୂତି ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇବା ନିମନ୍ତେ ଏକ ସଂସଦୀୟ ଅଧିନିୟମ ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ)ର ପ୍ରତିଷ୍ଠା କରାଯାଇଛି । ସେବୀ ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଗ୍ରେଡ୍ 'ଏ'ରେ ଅଫିସର ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଆବେଦନ ଆହ୍ୱାନ କରୁଛି ।

ଆବେଦନକୁ **ଅନ୍‌ଲାଇନ୍‌ରେ ଅକ୍ଟୋବର ୩୦, ୨୦୨୫ରୁ ନଭେମ୍ବର ୨୮, ୨୦୨୫** ପର୍ଯ୍ୟନ୍ତ ପୂରଣ କରାଯାଇପାରିବ ।

ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ୍ ଆବେଦନ ପତ୍ର ପାଇଁ ସେବୀର ନିମ୍ନଲିଖିତ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://www.sebi.gov.in/sebiweb/about/AboutAction.do?doVacancies=yes

CBC 15204/11/0175/2526


# ସମୀରଙ୍କୁ ବେଦ ବାଚସ୍ପତି, ପ୍ରିୟଙ୍କାଙ୍କୁ ସଙ୍ଗୀତ ସୁଧାଶ୍ରୀ ଉପାଧି



ଗୋରଖନାଥଙ୍କ ଆଗମନ ଦିବସ ପାଳନ କରାଯାଉଛି।

ଏରସମା, ୩୦।୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ୍ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ନାଉବେଲାରୀ ଗ୍ରାମର ସିଦ୍ଧ ପ୍ରଶିକ୍ଷଣ ଶିବିର ପରିସରରେ ଗୋରଖନାଥଙ୍କ ଆଗମନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଗୋଷ୍ଠାଷ୍ଟମୀ ଅବସରରେ ସିଦ୍ଧ ପରିବାର ପକ୍ଷରୁ ଆଲୋଚନାଚକ୍ର, ସମ୍ବର୍ଦ୍ଧନା, ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଦ୍ଧ ସୁରେନ୍ଦ୍ର

## ଗୋରଖନାଥଙ୍କ ଆଗମନ ଦିବସ

ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ବେଦ ପ୍ରଚାରକ ସମୀର ରଞ୍ଜନ ଦାଶ ଅତିଥି ଭାବେ ଉପସ୍ଥିତ ହୋଇ କହିଥିଲେ, ସିଦ୍ଧ ଗୋରଖନାଥଙ୍କ ଜନ୍ମ ଓ ମୃତ୍ୟୁ ରହସ୍ୟାବୃତ ହୋଇ ରହିଯାଇଛି। ସେ ମାନବ ସମାଜର ହିତ ସାଧନ ପାଇଁ ଆବିର୍ଭାବ ହୋଇଥିଲେ। ଏଥିରେ ବେଦ ପ୍ରଚାରକ ଦାଶଙ୍କୁ ବେଦ ବାଚସ୍ପତି, କଣ୍ଠଶିଳ୍ପୀ ପ୍ରିୟଙ୍କା ପ୍ରିୟଦର୍ଶନୀଙ୍କୁ ସଙ୍ଗୀତସୁଧାଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା। ଏଥିସହ ଜୀବନବ୍ୟାପୀ ପାଲା ସଂସ୍କୃତିରେ ବାୟକ ଭାବରେ ନିଜକୁ ସାମିଲ କରିଆସିଥିବା ଜଟାଧାରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରାଜ ରତନ ଦାସ, ଚନ୍ଦ୍ରକାନ୍ତ ଦାସ, ସୂର୍ଯ୍ୟକାନ୍ତ ଦାସ, ମଳୟ ରଞ୍ଜନ ଦାସ, ବେଣୁଧର ସେନାପତି, ସଂଯୁକ୍ତା ବେହେରା, ଶୈଳବାଳା ଜେନା, ଶୈଳବାଳା ଖଟୁଆ, ସବିତା ଶତପଥୀ, ବସୁନ୍ଧରା ଶତପଥୀ ପ୍ରମୁଖ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


**VISA STEEL LIMITED**
CIN: L51109OR1996PLC004601
Registered Office: 11 Ekamra Kanan, Nayapalli, Bhubaneswar 751 015, Odisha
Phone: (+91-674) 255 2479, Fax: (+91-674) 255 4661, Website: www.visasteel.com
Email ID for registering Investor Grievances: cs@visasteel.com

**CORRIGENDUM CUM ADDENDUM TO NOTICE OF THE EXTRA-ORDINARY GENERAL MEETING SCHEDULED TO BE HELD ON SUNDAY, NOVEMBER 02, 2025 AT 1200 HRS (IST) THROUGH VIDEO CONFERENCING / OTHER AUDIO VISUAL MEANS**

We would like to draw the attention of the members of VISA Steel Limited ("Company") towards the notice dated October 04, 2025 ("EOGM Notice"), issued for convening the Extra-Ordinary General Meeting ("EOGM") of the members of the Company on Sunday, November 02, 2025 at 1200 Hrs (IST) through video conferencing ("VC")/ Other Audio Visual Means ("OAVM"). The EOGM Notice has been dispatched to the members of the Company on Friday, October 10, 2025, in due compliance with the provisions of the Companies Act, 2013, read with the relevant rules made thereunder and the circulars issued by the Ministry of Corporate Affairs ("MCA") and Securities and Exchange Board of India ("SEBI") and other applicable laws.

Subsequent to the dispatch of the EOGM Notice, pursuant to the application filed by the Company for obtaining in-principle approval of BSE Limited ("BSE") and the National Stock Exchange of India Limited ("NSE" and collectively with BSE "Stock Exchanges") for the proposed preferential issue of warrants as detailed in Item No. 1 in the EOGM Notice (along with the explanatory statement thereto), NSE has asked the Company to provide certain clarifications/information in respect of the Preferential Issue, by way of a Corrigendum to the EOGM Notice.

Therefore, a Corrigendum is being issued to the EOGM Notice ("Corrigendum Cum Addendum") to inform the members of the Company regarding certain clarifications/information in relation to explanatory statement for Item No.1 of the EOGM, as detailed in the Corrigendum. This Corrigendum shall form an integral part of the EOGM Notice together with the explanatory statement thereof, which has already been circulated to the members of the Company on October 10, 2025, and on and from the date hereof, the EOGM Notice together with the explanatory statement thereto shall always be read in conjunction with the Corrigendum. All other content of the EOGM Notice together with the explanatory statement thereof, save and except as modified or supplemented by the Corrigendum shall remain unchanged.

The dispatch of the Corrigendum through electronic mode has been completed on October 30, 2025 in compliance with the provisions of the Companies Act, 2013 read with the relevant rules made thereunder and the circulars issued by MCA and SEBI and other applicable laws.

The Corrigendum is available on the website of the Company at www.visasteel.com, the websites of the Stock Exchanges at www.bseindia.com and www.nseindia.com, and is also available on the website of KFin Technologies Limited at URL: https://evoting.kfintech.com/.

All the processes, notes and instructions relating to attending the EOGM through VC/OAVM, remote e-voting at the EOGM shall remain same as stated in the EOGM Notice.

By order of the Board of Directors
For VISA Steel Limited
Sd/-
Amisha Chaturvedi Khanna
(Company Secretary)

Place : Kolkata
Date : 30 October, 2025



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 45-SBP-TRD-OT-2025-26, ତା.23.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 105 sq mm ଜମ୍ପର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକ ଠାରେ 160 sq mm ଜି-ଜମ୍ପର (jumper) ର ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 42,00,386.32, EMD (₹): 84,000.00, ଶେଷ ହେବା ଅବଧି : 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-737/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ସଂଖ୍ୟା:** ବିଆର୍-ଏଚ୍‌କ୍ୟୁ-ଏଡିଏ-ଆର୍‌ଏନ୍‌ସି-୨୫-୨୬-୦୬; **କାର୍ଯ୍ୟର ବର୍ଣ୍ଣନା:** "ରାଞ୍ଚି ଆଦ୍ରା ଡିଭିଜନ" – "୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର @ ୧୦୦ କିମି ପ୍ରତିଘଣ୍ଟା ଚଳାଚଳ ପାଇଁ ସେତୁଗୁଡ଼ିକର ରିଗିର୍ଡରିଂ (କ) ଓର୍ଗା – ହାତୀ ସେକ୍ସନର ସେତୁ ନଂ. ୪୮୯ (୯x୧୮.୩ ମି) ଓ ୫୭୪ (୬x୧୮.୩ ମି) (ଖ) ଓର୍ଗା – ହାତିଆ ସେକ୍ସନର ସେତୁ ନଂ. ୫୨୦ (୧୧x୧୮.୩ ମି) (ଗ) ମୁରି – କୋଟଶିଳା ସେକ୍ସନର ସେତୁ ନଂ. ୧୫୬ ୟୁପି (୯x୧୮.୩ ମି) (ଘ) ଆଦ୍ରା – ଗୋମୋ ସେକ୍ସନର ସେତୁ ନଂ. ୪୦୯ ୟୁପି (୫x୧୨.୨ ମି + ୫x୩୦.୫ ମି) (ଙ) ଆଦ୍ରା – ଚାନ୍ଦିଲ ସେକ୍ସନର ସେତୁ ନଂ. ୪୧୪ ଡିଏନ୍ (୫x୩୦.୫୦ ମି + ୧x୨୪.୪୦ ମି) (ଚ) ଆଦ୍ରା – ମେଦିନାପୁର ସେକ୍ସନର ସେତୁ ନଂ. ୨୮୪ (୧୩x୧୮.୩ ମି) (ଛ) ବୋକାରୋ ଷ୍ଟିଲ୍ ସିଟି – ତଲଗୋରିଆ ସେକ୍ସନର ସେତୁ ନଂ. ୪୪୩ (୧x୧୮.୩ ମି) (ଜ) ଆଦ୍ରା – ଏନ୍.ସି.ବି. ଗୋମୋ ସେକ୍ସନର ସେତୁ ନଂ. ୪୧୨ ଡିଏନ୍ (୧x୩୦.୫ ମି + ୫x୪୫.୭ ମି + ୧x୧୨.୨ ମି) (ଝ) କେଟିଡି – ୟୁଆର୍‌ଏ ଷ୍ଟେଶନର ସେତୁ ନଂ.୩୯୨ ୟୁପି (୨x୧୮.୩ ମି) ଏବଂ ୩୯୪ ୟୁପି (୨x୧୮.୩ ମି)।" **ଟେଣ୍ଡର ମୂଲ୍ୟ:** ₹୧୦୨,୨୧,୦୨,୧୪୫.୧୮; **ଅମାନତ ରାଶି:** ₹୫୨,୬୦,୫୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ; **ବନ୍ଦ ହେବା ତାରିଖ ଓ ସମୟ:** ତା୦୮।୧୨।୨୦୨୫ରିଖ ୧୧.୩୦ ଘଟିକାରେ । **ସମାପ୍ତି ଅବଧି:** ୧୮ (ଅଠର) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

(PR-781)


# ସଚେତନ ରହିଲେ ସାଇବର ଠକେଇରୁ ବର୍ତ୍ତିପାରିବା

କୁଜଙ୍ଗ,୩୦।୧୦(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକର ଅନ୍ୟତମ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ରାହାମାଠାରେ ତିର୍ତ୍ତୋଲ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଆଇନଜୀବୀ ଡ. ସୁନାକର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ଯୋଗଦେଇ କିପରି ସାଇବର ଠକେଇରୁ ନିଜକୁ ଓ ନିଜ ପରିବାରକୁ ରକ୍ଷା କରିପାରିବା ସେ ବିଷୟରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ଥାନା ଆରକ୍ଷୀ ନିରୀକ୍ଷକ ପ୍ରଦୀପ୍ତ କୁମାର ସେଠୀ, ସହ ନିରୀକ୍ଷକ

## ସାଇବର ସୁରକ୍ଷା ସଚେତନତା

ବିଭୂତି ଭୂଷଣ ବିଶ୍ୱାଳ, ରାହାମା ବଜାର କମିଟି ସଭାପତି ଶିଶିର କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସାହୁ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଶ୍ୱନାଥ ମହାନ୍ତି, ବଜାର କମିଟି କୋଷାଧ୍ୟକ୍ଷ ବଂଶୀଧର କୁଣ୍ଡୁ, ବଜାର କମିଟି ବରିଷ୍ଠ ନାଗରିକ ଭିକାରି ଚରଣ ସେନାପତି, ଯୁବ ସଙ୍ଗଠକ ପ୍ରସନ୍ନ କୁମାର ସ୍ୱାଇଁ, ସୁଲେଖ ବେହେରା, ପ୍ରଦୀପ୍ତ କୁମାର ସାହୁ, ନଳିନୀକାନ୍ତ ବରାଳ, ରାକେଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ରାହାମାଠାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଉଛି।


केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁଣ୍ଟ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଦାଣ୍ଡିସାହି ଶାଖା** (୧)ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୪୦। | (କ)ଟ.୧୯,୦୦,୦୦୦/- / (ଖ) ୨୮.୧୦.୨୦୨୫ / (ଗ) ୩୦.୧୦.୨୦୨୫ | ୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ପ୍ରଦୀପ କୁମାର ମଲ୍ଲିକ** ଏବଂ **ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୩୦.୧୦.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଅବ୍ୟବସ୍ଥାରେ ନୟାଗଡ଼ ବ୍ଲକସ୍ତରୀୟ ସୁରଭି



ଅନ୍ଧାରରେ ସୁରଭି କାର୍ଯ୍ୟକ୍ରମ କରାଯାଉଛି।

ନୟାଗଡ,୩୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବଡପଞ୍ଚୁସର ଉଚ୍ଚ ବିଦ୍ୟାଳୟ ପରିସରରେ ନାନା ଅବ୍ୟବସ୍ଥାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟୁତ୍‌କାଟ ସମୟରେ ଜେନେରେଟର ସୁବିଧା ଥାଇ ପିଏମ୍ ପୋଷଣ କାର୍ଯ୍ୟକ୍ରମ ଅନ୍ଧାରରେ ହୋଇଥିଲା। ବିଚାରକମାନେ ପ୍ରତିଯୋଗିତା ମୂଲ୍ୟାୟନ କରୁଥିବାବେଳେ ଅନ୍ଧାର ହଟାଇବା ପାଇଁ ଝରକା କବାଟ ଖୋଲିଦେବା ସତ୍ତ୍ୱେ ସୁଫଳ ମିଳନଥିଲା। ଅନ୍ୟପକ୍ଷେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ହେଉଥିବା ବେଳେ ବ୍ଲକର ୧୩ଜଣ ସିଆରସିସି ସୁନାଖଳା ଡାଏଟକୁ ଯାଇ କାର୍ଯ୍ୟ କରିଥିଲେ। ସୁନାଖଳା ଡାଏଟରୁ କାର୍ଯ୍ୟ ଶେଷକରି ଶୀଘ୍ର ଆସିବାକୁ

- ଜେନେରେଟର ଥାଇ ଅନ୍ଧାରରେ ପିଏମ୍ ପୋଷଣ କାର୍ଯ୍ୟକ୍ରମ
- ବିଚାରକ ଭୂମିକାରେ ସ୍ଥାନୀୟ ସିଆରସିସି ଓ ଶିକ୍ଷକ
- ୧୩ ସିଆରସିସି ଡାଏଟ୍ କାର୍ଯ୍ୟକ୍ରମରେ ନିୟୋଜିତ

କୁହାଯାଇଥିବାବେଳେ ସିଆର୍‌ସିସିମାନେ ଆସି ନ ଥିଲେ। ଅପରପକ୍ଷେ ସ୍ଥାନୀୟ ଅଞ୍ଚଳର ସିଆର୍‌ସିସି ବିଚାରକ ଭୂମିକା ନିର୍ବାହ କରୁଥିବାରୁ ପ୍ରତିଯୋଗିତା ଚୟନ ଉପରେ ସ୍ୱଚ୍ଛତା ରହିନଥିବା ଅଭିଯୋଗ ଉଠିଛି। ଅନେକ ପ୍ରତିଯୋଗିତାର ଚୟନ ଠିକ୍ ଭାବେ ହୋଇ ନ ଥିବା ଅଭିଯୋଗ ଉଠିଛି। ପୁଣି ବଡପଞ୍ଚୁସର ଉଚ୍ଚ ବିଦ୍ୟାଳୟରେ କେତେକ ଶିକ୍ଷକ ବିଚାରକଙ୍କ ପାଖେ ପାଖେ ରହି ନିଜ ସପକ୍ଷର ପ୍ରକଳ୍ପ ଚୟନ କରିବାକୁ ପ୍ରବର୍ତ୍ତାଉଥିବାର ଅନୁରୂପ ଅଭିଯୋଗ ଉଠିଛି। ଜିଲାର ବିଭିନ୍ନ ବ୍ଲକରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ସକାଳୁଆ ସ୍କୁଲ କରାଯାଇଥିଲା। ତେବେ ନୟାଗଡ଼ ବ୍ଲକସ୍ତରୀୟ ସୁରଭିରେ ସକାଳୁଆ ସ୍କୁଲ କରା ନ ଯିବାରୁ ସୁରଭି ଦେଖିବାକୁ ଆଗ୍ରହୀ ଛାତ୍ରୀଛାତ୍ର ଏହାର ସୁଫଳ ନେଇ ପାରି ନ ଥିଲେ। କେବଳ ସୁରଭି ହେଉଥିବା ସ୍ଥାନୀୟ କ୍ଲଷ୍ଟରର ସ୍କୁଲ ସକାଳ ପାଠପଢ଼ା ହୋଇଥିଲା। ସୁରଭି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଶିକ୍ଷକ ଓ ଛାତ୍ରୀଛାତ୍ର ବିଶୃଙ୍ଖଳିତ ହୋଇ ଏଣେତେଣେ ବୁଲୁ ଥିବା ଦେଖିବାକୁ ମିଳିଥିଲା। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀଙ୍କ ମୋବାଇଲ ନଂ.୯୩୩୭୦୪୦୩୫୮୧ କୁ ଯୋଗାଯୋଗ କରାଯାଇଥିଲା, ଫୋନ ସୁଇଚ୍ ଅଫ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ କୁହନ୍ତି, ବିଭିନ୍ନ ପ୍ରତିଯୋଗିତା ଚୟନରେ ସ୍ୱଚ୍ଛତା ରଖାଯିବା ଦରକାର। ସ୍ଥାନୀୟ ସିଆରସିସିଙ୍କୁ ନିଯୁକ୍ତି କରିବା ଠିକ୍ ନୁହେଁ। ଅନ୍ଧାରରେ ପିଏମ୍ ପୋଷଣ କରିବା ମଧ ଠିକ୍ ନୁହେଁ। ବ୍ଲକ ଶିକ୍ଷା ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଦରକାର ଥିଲା ବୋଲି କହିଛନ୍ତି।

## ମହୀପୁର ଉଚ୍ଚ ମାଧମିକ ବିଦ୍ୟାଳୟ
# ଇଂଲିଶ୍ ପଢ଼ାଇଲେ ଜିଲାପାଳ

- ଚାହାଲିରେ ଡିଇଓ ଖାଇଲେ ମଧାହ୍ନଭୋଜନ
- ଡିଜିଟାଲ ଶିକ୍ଷା ପ୍ରସାର କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ପରିଦର୍ଶନ

ନୟାଗଡ,୩୦।୧୦(ଲୋକନାଥ ମିଶ୍ର)



ଜିଲାପାଳ ମହୀପୁର ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ପଢ଼ାଉଛନ୍ତି।

ଡିଜିଟାଲ ଶିକ୍ଷା ପ୍ରସାର କାର୍ଯ୍ୟକ୍ରମ (ଦୀପ)ର ସମୀକ୍ଷା ପାଇଁ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗୁରୁବାର ନୂଆଗାଁ ବ୍ଲକ ମହୀପୁର ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ଚାହାଲି ଜନଶକ୍ତି ନୋଡାଲ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଜିଲାପାଳଙ୍କ ସହ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଚିତ୍ତରଞ୍ଜନ ପାଣ୍ଡେ ଥିଲେ। ଜିଲାପାଳ ମହୀପୁର ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଇଂଲିଶ ପଢ଼ାଇଲେ। ସେହିପରି ବିଜ୍ଞାନ ପରୀକ୍ଷାଗାରକୁ ଯାଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏଠାରେ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେହିପରି ଚାହାଲି ଜନଶକ୍ତି ନୋଡାଲ ଉଚ୍ଚ ବିଦ୍ୟାଳୟ କମ୍ପ୍ୟୁଟର ଲାବକୁ ଯାଇ ବିଭିନ୍ନ ପରୀକ୍ଷାମୂଳକ ଭାବେ ଆରମ୍ଭ। ନବମ ଶ୍ରେଣୀ ଛାତ୍ରୀଙ୍କୁ 'ଦୀପ'ର ସୁବିଧା, ଅସୁବିଧା ନେଇ ପଚାରିଥିଲେ। ଅପରପକ୍ଷେ ଜିଲା ଶିକ୍ଷା ଅଧିକାରୀ ଚାହାଲି ଜନଶକ୍ତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇଥିଲେ। ମଧ୍ୟାହ୍ନଭୋଜନର ମାନ ଠିକ୍ ଥିବା କହିଛନ୍ତି।

ପ୍ରକାଶ ଯେ, ଛାତ୍ରୀଛାତ୍ରଙ୍କ ମଧରେ କମ୍ପ୍ୟୁଟର ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ଉଦ୍ଦେଶ୍ୟରେ ୨୦୨୪-୨୫ ଶିକ୍ଷା ବର୍ଷରେ ଡିଜିଟାଲ ଶିକ୍ଷା ପ୍ରସାର କାର୍ଯ୍ୟକ୍ରମ (ଦୀପ) ନୟାଗଡ଼ ଶିକ୍ଷା ଜିଲାରେ ସ୍ୱତନ୍ତ୍ର ଭାବେ ଆରମ୍ଭ ହୋଇଥିଲା। ପ୍ରଥମେ ଏହା ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଲାଗୁ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରତି ବ୍ଲକରୁ ୨ଟି ଲେଖାଏ ସ୍କୁଲ ଏପରି ୮ ବ୍ଲକର ୧୬ ସ୍କୁଲରେ 'ଦୀପ' କାର୍ଯ୍ୟକ୍ରମ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିଲା। ସଫଳତା ମିଳିବା ପରେ ୨ୟ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକରୁ ୫ଟି ଲେଖାଏ ସ୍କୁଲ ଏପରି ୮ଟି ବ୍ଲକରୁ ୪୦ଟି ସ୍କୁଲରେ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଦୀପ ଉପରେ ପ୍ରଶିକ୍ଷଣ ଦିଆଯାଉଥିବା ପ୍ରତ୍ୟେକ ସ୍କୁଲରେ ସପ୍ତାହକୁ ୨ରୁ ୩ଟି ଥିଓରି ଓ ପ୍ରାକ୍ଟିକାଲ କ୍ଲାସ କରାଯାଉଛି। ଜଣେ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ୧୫ଦିନରେ ଏହାର ପାକ୍ଷିକ ରିପୋର୍ଟ ପ୍ରଧାନଶିକ୍ଷକ ଦାଖଲ କରୁଛନ୍ତି। ଦୀପ କାର୍ଯ୍ୟକ୍ରମ ଜିଲାର ୧୪୮ ସରକାରୀ ହାଇସ୍କୁଲ, ୬ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ, ୬୭ ନୂତନ ଅନୁଦାନପ୍ରାପ୍ତ ସ୍କୁଲ (ବ୍ଲକଗ୍ରାଣ୍ଟ ସ୍କୁଲ), ୪ଟି ଏସ୍‌ଡି ହାଇସ୍କୁଲ(ଆଶ୍ରମ ଉଚ୍ଚ ବିଦ୍ୟାଳୟ) ଏପରି ୨୨୫ ସ୍କୁଲରେ ଚାଲୁ ରହିଛି। ୨୨୫ ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଏହାର ଫାଇଦା ନେଉଛନ୍ତି। ଦୀପ କାର୍ଯ୍ୟକ୍ରମ କିପରି ଚାଲିଛି ସେନେଇ ଜିଲାପାଳ ବିଭିନ୍ନ ହାଇସ୍କୁଲକୁ ପରିଦର୍ଶନରେ ଯାଇ ସମୀକ୍ଷା କରୁଛନ୍ତି। ଗୁରୁବାର ନୟାଗଡ ବ୍ଲକର କିଛି ସ୍କୁଲରେ ଦୀପ କାର୍ଯ୍ୟକ୍ରମର ସମୀକ୍ଷା ହେବାର ଥିଲା। ତେବେ ବ୍ଲକସ୍ତରୀୟ ସୁରଭି ଯୋଗୁ ଏହା ନୂଆଗାଁ ବ୍ଲକ କାର୍ଯ୍ୟକ୍ରମ ଲାଗି ପରିବର୍ତ୍ତନ ହୋଇଥିଲା।

# ଯୁବ ଆଇନଜୀବୀଙ୍କ ପରଲୋକ



ଖଣ୍ଡପଡ଼ା, ୩୦।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୧ ନଂ ୱାର୍ଡର ଯୁବ ଆଇନଜୀବୀ ରଶ୍ମିରଞ୍ଜନ ପଣ୍ଡା (୪୨) ଙ୍କର ଗୁରୁବାର ଭୁବନେଶ୍ୱରରେ ପରଲୋକ ହୋଇଯାଇଛି । ଦୀର୍ଘ ମାସ ଧରି ଯକୃତ ଜନିତ ରୋଗରେ ସେ ପୀଡିତ ଥାଇ ସେଠାରେ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗରେ ଖଣ୍ଡପଡ଼ା ସହରରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ପଣ୍ଡା ଭୁବନେଶ୍ୱରଠାରେ ରହି ଓକିଲାତି କରୁଥିବା ବେଳେ ସେ ଖଣ୍ଡପଡ଼ା ସହରର ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ପଣ୍ଡାଙ୍କ ସାନପୁଅ ଅଟନ୍ତି।

# ଖଣ୍ଡପଡ଼ା, କଣ୍ଟିଲୋରେ ଗୋଷ୍ଠାଷ୍ଟମୀ ପାଳିତ

ଖଣ୍ଡପଡା,୩୦।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡା, ଖଳିସାହି, କୋସକା, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ସିଧାମୂଳା, ଶାଳଝରିଆ ଆଦି ଅଞ୍ଚଳରେ ଗୁରୁବାର ପବିତ୍ର ଗୋଷ୍ଠାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ସେହିପରି କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ଏହି ଉତ୍ସବ ଧୁମଧାମ ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉ ମଠରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଶ୍ରୀଜୀଉଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ନିକଟସ୍ଥ ମାଘମେଳା ପଡିଆକୁ ବିଜେ କରାଯାଇଥିଲା। ସେଠାରେ ଗ୍ରାମର ସମସ୍ତ ଗୋରୁଙ୍କୁ ଏକାଠି କରାଯାଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ମହିଳାମାନେ ଗୋମାତାଙ୍କୁ ବନ୍ଦାପନା କରି ସମସ୍ତ ଗୋରୁମାନଙ୍କୁ ଘାସ ଓ ଖାଦ୍ୟ ପ୍ରଦାନ କରିଥିଲେ। ପୂଜାର୍ଚ୍ଚନା ପରେ ଶ୍ରୀ ଜୀଉ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ସେହିପରି ଅନୁରୂପ ଭାବରେ ବାପୁଜୀନଗରସ୍ଥିତ ରଘୁନାଥ ଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ନିକଟସ୍ଥ ରାମଲୀଳା ସ୍ଥଳୀକୁ ବିଜେ କରାଯାଇ ଗାନ୍ଧୀପାର୍କଠାରେ ସେ ଅଞ୍ଚଳର ଗୋରୁମାନଙ୍କୁ ଏକାଠି କରାଯାଇ ମହିଳାମାନେ ବନ୍ଦାପନା କରି ଘାସ ଖାଇବାକୁ ଦେଇଥିଲେ। ଏ ଅବସରରେ କୁନି ପିଲାମାନଙ୍କୁ ରାଧା କୃଷ୍ଣ ବେଶରେ ସଜ୍ଜିତ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଅପରପକ୍ଷରେ ଆଜିର ଏହି ପବିତ୍ର ଦିବସରେ ରାଧାମୋହନ ଜୀଉଙ୍କ ଜଣେ ଶ୍ରଦ୍ଧାଳୁ ଗୋପାଳ ଚନ୍ଦ୍ର ଅଗ୍ରୱାଲଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ମଠରେ ବିରାଜିତ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ନିମନ୍ତେ ୨ଟି କିରୀଟ ପ୍ରଦାନ କରିଥିବା ଜଣାପଡିଛି।



ମହିଳାମାନଙ୍କ ଦ୍ୱାରା ଗୋରୁଙ୍କୁ ବନ୍ଦାପନା କରାଯାଉଛି।

# ବିଦ୍ୟୁତ୍ ଆଘାତରେ ନିର୍ମାଣ ଶ୍ରମିକ ମୃତ

ଓଡ଼ଗାଁ, ୩୦।୧୦(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା କୁରାଳ ଗାଁ ଚଣ୍ଡୀଛକରେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଣ୍ଡେରିପଡା ପଞ୍ଚାୟତ ମଦନପୁର ଗ୍ରାମର ବିଶ୍ୱନାଥ ବେହେରା(୪୩)। ମଦନପୁର ଗ୍ରାମର ଗଙ୍ଗାଧର ସାହୁଙ୍କ କୁରାଳଠାରେ ଗୃହ ନିର୍ମାଣ ପାଇଁ ଜଣେ ମିସ୍ତ୍ରିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତିଦିନ ପରି ଗୁରୁବାର ନିର୍ମାଣ କାର୍ଯ୍ୟ ଚାଲିଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଶ୍ୱନାଥ ପାଣିପମ୍ପ ଚାଳନା ପାଇଁ ଉଦ୍ୟମ କରୁଥିବା ବେଳେ ଅସାବଧାନତା ଯୋଗୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଓଡ଼ଗାଁ ଡାକ୍ତରଖାନା ଅଣାଯାଇଥିଲା, ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ବିଶ୍ୱନାଥଙ୍କ ବାପା ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ ଗୃହ ମାଲିକଙ୍କ ସହିତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଠକେଇରୁ ବର୍ତ୍ତିବା ପାଇଁ ସଚେତନତା ଜରୁରୀ

## ସାଇବର ସୁରକ୍ଷା ଅଭିଯାନ

ନୟାଗଡ,୩୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ ୨୦୨୫ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ ଅଧକ୍ଷତା କରିଥିଲେ। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲା, ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଆଇସିଆଇସିଆଇ ବ୍ୟାଙ୍କ ଷ୍ଟେଟ୍ କୋଅର୍ଡିନେଟର ସୁଶାନ୍ତ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ନିଜ ବକ୍ତବ୍ୟରେ ଦୈନନ୍ଦିନ ଜୀବନରେ ଇଣ୍ଟରନେଟ୍ ବ୍ୟବହାର କରୁ। ଆମ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ଇଣ୍ଟରନେଟ୍ ଯୋଗେ ସାଇବର ଠକେଇ ହୁଏ। ଅଜଣା ଲିଙ୍କ୍‌କୁ କ୍ଲିକ୍ କଲେ ଅଥବା ପାସ୍‌ୱାର୍ଡ ବେଳେବେଳେ ଅଜାଣତରେ ଦେଇଦେବା ପରେ ଠକେଇ ହୁଏ। ବେଳେ ବେଳେ ଲୋଭର ବଶବର୍ତ୍ତୀ ହୋଇ ବି ଠକେଇ ହେବାକୁ ପଡ଼େ। ଟେକ୍ନୋଲୋଜିର ଏ ୧ ଫେକ୍ କାର୍ଯ୍ୟ କରି ଠକେଇ ବି କରାଯାଉଛି। ଏଣୁ ସଚେତନ ନ ହେଲେ ଠକେଇକୁ ରୋକି ହେବନାହିଁ ବୋଲି କହିଥିଲେ।

ଏସ୍‌ପି କହିଥିଲେ ଆମ ଜିଲାକୁ ସାଇବର ଅପରାଧ ପ୍ରବଣତାରୁ ମୁକ୍ତ କରିବାକୁ ସାଇବର ସୁରକ୍ଷା ଅଭିଯାନର କରାଯାଉଛି। ଧନ ଜନଜୀବନକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସାଇବର ସୁରକ୍ଷା କାର୍ଯ୍ୟକ୍ରମ ୧୮ ଅକ୍ଟୋବରରୁ ଆରମ୍ଭହୋଇ ୧୭ ନଭେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ। ଟେକ୍ନୋଲୋଜି ଆମ ଜୀବନକୁ ସହଜ କରିଦେଇଛି। କିନ୍ତୁ ଅପରାଧୀମାନଙ୍କ ପାଇଁ ନୂତନ ଦ୍ୱାର ମଧ ଖୋଲିଦେଇଛି। ଏବେ ଅପରାଧୀମାନଙ୍କ ଅସ୍ତ୍ର ହେଲା କମ୍ପ୍ୟୁଟର, ମୋବାଇଲ, ଇଣ୍ଟରନେଟ୍। କୌଣସି ଲିଙ୍କୁ କ୍ଲିକ୍ କରିବା ପୂର୍ବରୁ ଏହାକୁ ଭଲଭାବରେ ଯାଞ୍ଚ କରନ୍ତୁ। ବ୍ୟାଙ୍କଗୁଡିକ କାହାକୁ ଓଟିପି ମାଗନ୍ତି ନାହିଁ।

ସେହିପରି ମୁଖ୍ୟ ଉନ୍ନୟନ ଅଧିକାରୀ ତାଙ୍କ ଜୀବନରେ ଘଟିଥିବା ଅନୁଭୂତ ପ୍ରକାଶ କରିଥିଲେ ଏବଂ ସଚେତନ ରହିବାକୁ ଅନୁରୋଧ କରିଥିଲେ। ଉପଜିଲାପାଳ ସମସ୍ତଙ୍କୁ ସୁରକ୍ଷିତ ରହିବାକୁ ଉପଦେଶ ଦେବା ସଙ୍ଗେ ପୋଲିସ ବାହିନୀଙ୍କ ସହଯୋଗ କରିବାକୁ କହିଥିଲେ। ଆଇସିଆଇସିଆଇ ବ୍ୟାଙ୍କର ଷ୍ଟେଟ୍ କୋଅର୍ଡିନେଟର କହିଲେ,କୌଣସି ଅଜଣା ଲିଙ୍କ୍ ବା ଫାଇଲକୁ କ୍ଲିକ୍ କରନ୍ତୁ ନାହିଁ। ଠକାମିର ଶିକାର ହେଲେ ୧୯୩୦ଆକ୍ଟରେ କେସ୍ ରେଜିଷ୍ଟର କରନ୍ତୁ। ସେହିପରି ପୌର ପରିଷଦ ଅଧକ୍ଷା ଭାଷଣରେ କହିଲେ,ଡିଜିଟାଲ ଯେତକି ଭଲ ସେତିକି ଖରାପ, ସତର୍କ ନ ରହିଲେ କ୍ଷତିକାରକ। ଏଥିପ୍ରତି ସମସ୍ତଙ୍କୁ ସଜାଗ ହେବାକୁ ପଡ଼ିବ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହାପରେ ଏସ୍‌ଡିପିଓ. ଜ୍ୟୋତିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବ୍ୟଙ୍ଗ କବିତା ପାଠ କରାଯାଇଥିଲା। ନିଜ ଦସ୍ତଖତ ମାଧ୍ୟମରେ ୱାଲ୍ ବୋର୍ଡ ମତାମତ ପ୍ରଦାନ କରିଥିଲେ। ସାଇବର ସୁରକ୍ଷା ଅଭିଯାନ ଶିବିର ଆରମ୍ଭ ପୂର୍ବରୁ ପୂର୍ବାହ୍ନ ୯ଟାରେ ଏକ ପଦଯାତ୍ରା ନୟାଗଡ଼ ଟ୍ରାଫିକ୍ ଛକରୁ ଆରମ୍ଭ ହୋଇ ପୁରୁଣା ସହର ଜଗନ୍ନାଥ ମନ୍ଦିର ନିକଟରେ ଶେଷ ହୋଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VHF-KUR-511, ତା.23.10.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସର୍ବନିମ୍ନ ସ୍ୱେୟାର ଉପକରଣଗୁଡ଼ିକ ଦ୍ୱାରା 101 ସ୍ଥାନଗୁଡ଼ିକ ନିମନ୍ତେ 25 ୱାଟ୍ ଡିଜିଟାଲ VHF ସେଟ୍‌ର ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ (₹): 68,55,447.26, EMD (₹) : 1,37,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-740/Q/25-26

SEBI भारतीय प्रतिभूति और विनिमय बोर्ड
Securities and Exchange Board of India

**ନିଯୁକ୍ତି - ୨୦୨୫**

**ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଅଫିସର ଗ୍ରେଡ୍ "ଏ" ପଦବୀ ଲାଗି ଆବେଦନ**

ପ୍ରତିଭୂତି ବଜାରର ବିକାଶ ଏବଂ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଭୂତି ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇବା ନିମନ୍ତେ ଏକ ସଂସଦୀୟ ଅଧିନିୟମ ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ)ର ପ୍ରତିଷ୍ଠା କରାଯାଇଛି । ସେବୀ ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଗ୍ରେଡ୍ 'ଏ'ରେ ଅଫିସର ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଆବେଦନ ଆହ୍ୱାନ କରୁଛି ।

ଆବେଦନକୁ **ଅନ୍‌ଲାଇନ୍‌ରେ ଅକ୍ଟୋବର ୩୦, ୨୦୨୫ରୁ ନଭେମ୍ବର ୨୮, ୨୦୨୫** ପର୍ଯ୍ୟନ୍ତ ପୂରଣ କରାଯାଇପାରିବ ।

ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ୍ ଆବେଦନ ପତ୍ର ପାଇଁ ସେବୀର ନିମ୍ନଲିଖିତ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://www.sebi.gov.in/sebiweb/about/AboutAction.do?doVacancies=yes

CBC 15204/11/0175/2526

**VISA STEEL LIMITED**
CIN: L51109OR1996PLC004601
Registered Office: 11 Ekamra Kanan, Nayapalli, Bhubaneswar 751 015, Odisha
Phone: (+91-674) 255 2479, Fax: (+91-674) 255 4661, Website: www.visasteel.com
Email ID for registering Investor Grievances: cs@visasteel.com

**CORRIGENDUM CUM ADDENDUM TO NOTICE OF THE EXTRA-ORDINARY GENERAL MEETING SCHEDULED TO BE HELD ON SUNDAY, NOVEMBER 02, 2025 AT 1200 HRS (IST) THROUGH VIDEO CONFERENCING / OTHER AUDIO VISUAL MEANS**

We would like to draw the attention of the members of VISA Steel Limited ("Company") towards the notice dated October 04, 2025 ("EOGM Notice"), issued for convening the Extra-Ordinary General Meeting ("EOGM") of the members of the Company on Sunday, November 02, 2025 at 1200 Hrs (IST) through video conferencing ("VC")/ Other Audio Visual Means ("OAVM"). The EOGM Notice has been dispatched to the members of the Company on Friday, October 10, 2025, in due compliance with the provisions of the Companies Act, 2013, read with the relevant rules made thereunder and the circulars issued by the Ministry of Corporate Affairs ("MCA") and Securities and Exchange Board of India ("SEBI") and other applicable laws.

Subsequent to the dispatch of the EOGM Notice, pursuant to the application filed by the Company for obtaining in-principle approval of BSE Limited ("BSE") and the National Stock Exchange of India Limited ("NSE" and collectively with BSE "Stock Exchanges") for the proposed preferential issue of warrants as detailed in Item No. 1 in the EOGM Notice (along with the explanatory statement thereto), NSE has asked the Company to provide certain clarifications/information in respect of the Preferential Issue, by way of a Corrigendum to the EOGM Notice.

Therefore, a Corrigendum is being issued to the EOGM Notice ("Corrigendum Cum Addendum") to inform the members of the Company regarding certain clarifications/information in relation to explanatory statement for Item No.1 of the EOGM, as detailed in the Corrigendum. This Corrigendum shall form an integral part of the EOGM Notice together with the explanatory statement thereof, which has already been circulated to the members of the Company on October 10, 2025, and on and from the date hereof, the EOGM Notice together with the explanatory statement thereto shall always be read in conjunction with the Corrigendum. All other content of the EOGM Notice together with the explanatory statement thereof, save and except as modified or supplemented by the Corrigendum shall remain unchanged.

The dispatch of the Corrigendum through electronic mode has been completed on October 30, 2025 in compliance with the provisions of the Companies Act, 2013 read with the relevant rules made thereunder and the circulars issued by MCA and SEBI and other applicable laws.

The Corrigendum is available on the website of the Company at www.visasteel.com, the websites of the Stock Exchanges at www.bseindia.com and www.nseindia.com, and is also available on the website of KFin Technologies Limited at URL: https://evoting.kfintech.com/.

All the processes, notes and instructions relating to attending the EOGM through VC/OAVM, remote e-voting at the EOGM shall remain same as stated in the EOGM Notice.

By order of the Board of Directors
For VISA Steel Limited
Sd/-
Amisha Chaturvedi Khanna
(Company Secretary)

Place : Kolkata
Date : 30 October, 2025

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 45-SBP-TRD-OT-2025-26, ତା.23.10.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ 105 sq mm ଜମ୍ପର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକ ଠାରେ 160 sq mm ...

ଆନୁମାନିକ ମୂଲ୍ୟ (₹): 42,00,386.32, EMD (₹): 84,000.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2025 ରିଖ 1530 ଘଟିକାରେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-737/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ...

... ଘଟିକାରେ । ସମାପ୍ତି ଅବଧି: ୧୮ (ଅଠର) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-781)

केनरा बैंक Canara Bank — सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଦାଣ୍ଡିସାହି ଶାଖା** (୧)ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୧୦। | (କ)ଟ.୧୯,୦୦,୦୦୦/- / (ଖ) ୨୮.୧୦.୨୦୨୫ / (ଗ) ୩୦.୧୦.୨୦୨୫ | ୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀ ପ୍ରଦୀପ କୁମାର ମଲ୍ଲିକ ଏବଂ ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରି, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ...

ତାରିଖ: ୩୦.୧୦.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ବାଉଁଶ ଟାୱାର, ଟ୍ରଲର ଗାଞ୍ଜୀ ଜାଲ କଇଁଛ ପାଇଁ ବିପଦ



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବାଉଁଶ ଟାୱାର ଭିଏଚଏଫ୍ ଲାଗିଛି ।



ଟ୍ରଲରର ଲାଞ୍ଜୀ ଜାଲ ମାଡ଼ ମୃତ କଇଁଛ ।





ଜଳ ସୀମା ଚିହ୍ନଟ କରୁଛି ସୋଲାର ବଇଁଆ ଖୁମ୍ବ ।

■ ନଭେମ୍ବର ୧ରୁ ଗହୀରମଥାରେ ମାଛଧରା ପାଇଁ ଲାଗିଲା କଟକଣା

■ କୋର୍ ଜୋନ୍ ସୀମା ଚିହ୍ନଟ, ୧୪ ସୋଲାର ବଇଆଁ ଖୁମ୍ବ

**ମହାକାଳପଡ଼ା,୩୦।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ବିଶ୍ୱପ୍ରସିଦ୍ଧ ଅଲିଭ୍‌ରିଡ୍‌ଲେ କଇଁଛମାନଙ୍କ ଅନ୍ତୁଡ଼ିଶାଳ ବୋଲି ଗହୀରମଥା ପରିଚିତ । ପ୍ରଶାନ୍ତମହାସାଗରରୁ ଯୋଜନ ଯୋଜନ ମାଇଲ ପଥ ଅତିକ୍ରାନ୍ତ କରି ନିଜ ଜନ୍ମମାଟି ଗହୀରମଥାକୁ ସେମାନେ ଛୁଟି ଆସନ୍ତି । ଏହି ସାମୁଦ୍ରିକ ଅଭୟାରଣ୍ୟ ଉଷ୍ମ ଜଳବାୟୁ ବାଲୁକା ଶଯ୍ୟାରେ ଏମାନେ ଖୁବ୍ ସୁରକ୍ଷିତ ଭାବେ ଅଣ୍ଡାଦାନ କରନ୍ତି । ସୂର୍ଯ୍ୟ ଉତ୍ତାପରେ କଇଁଛମାନଙ୍କ ଯେଉଁ ଅଣ୍ଡା ଫୁଟେ ସେଥିରୁ ମାଈଶାବକ ଜନ୍ମଗ୍ରହଣ କରିଥାଏ । ସେହିପରି ଶୀତଳ ବାୟୁରେ ବା ରାତିସମୟରେ ଯେଉଁଅଣ୍ଡା ଫୁଟେ ସେଥିରୁ ଅଣ୍ଡିରା ଶାବକ ଜନ୍ମ ଗ୍ରହଣ କରିଥାଏ ବୋଲି କୁହାଯାଉଛି । ମହାକାଳପଡ଼ା ବ୍ଲକ ଅଞ୍ଚଳର ବହୁ ମତ୍ସ୍ୟଜୀବୀ ଘରେ ବାଉଁଶରେ ଟାୱାର କରିଛନ୍ତି । ଏଥିରେ ଭିଏଚ୍ଏଫ୍ ଲଗାଯାଇଛି, ଯାହାକୁ ବନ ବିଭାଗ ସମୁଦ୍ରକୁ ପାଟ୍ରୋଲିଂରେ ଯିବା ପୂର୍ବରୁ ଟ୍ରଲରରେ ଥିବା ସମ୍ପର୍କୀୟଙ୍କୁ ଆଗୁଆ ସୂଚନା ଦିଆଯାଇଥାଏ । ଫଳରେ ଗଭୀର ସମୁଦ୍ରକୁ ଟ୍ରଲର ପଳାଇଯିବାରୁ ଆଉ ଧରାପଡ଼ନ୍ତି ନାହିଁ । ଅପରପେକ୍ଷ ଟ୍ରଲରରେ ଥିବା ଗାଞ୍ଜୀଜାଲ ମଧ କଇଁଛଙ୍କ ପାଇଁ ବିପଦ ସାଜିଛି ।

ଅପରପକ୍ଷରେ ଧାମରା ମୁହାଣଠାରୁ ଋଷିକୁଲ୍ୟା ମୁହାଣ ପର୍ଯ୍ୟନ୍ତ ୧୪୦୮ ବର୍ଗ କିମି ଗହୀରମଥା ଜଳପଥ କୂଳଠାରୁ ୨୦ କି.ମି.ଦୂର ନଭେମ୍ବର ୧ରୁ ଜୁନ ୧୫ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରବେଶ ବାରଣ କରାଯାଇଛି ବୋଲି ବିଭାଗୀୟ ସୂତ୍ରରୁ କୁହାଯାଇଛି । ବିଶେଷକରି ଏହି ନିଷେଧ ଅଞ୍ଚଳରେ ଟ୍ରଲରଗୁଡ଼ିକ ବେଆଇନ ଭାବେ ପ୍ରବେଶ କରୁଥିବାରୁ ଗାଞ୍ଜୀଜାଲରେ ଛନ୍ଦି ହୋଇ କଇଁଛ ମୃତ୍ୟୁବରଣ କରନ୍ତି । ଟ୍ରଲରଗୁଡ଼ିକ ସୁରକ୍ଷା ବଳୟକୁ ଭେଦ କରି ଅନାୟାସରେ କୋଟି କୋଟି ଟଙ୍କାର ସାମୁଦ୍ରିକ ମାଛ ଧରି ମାଲିକମାନେ ମାଲାମାଲ ହେଉଛନ୍ତି । ଏହି ସାଢ଼େ ୭ ମାସ ସମୟରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ସୁରକ୍ଷା ଅଧିକାରୀ ତଥା ତଟରକ୍ଷୀ ବାହିନୀ, ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟଜୀବୀ ବିଭାଗ ଓ ସାମୁଦ୍ରିକ ପୋଲିସ ଟିମ୍ ୨୪ ଘଣ୍ଟିଆ ତୀକ୍ଷ୍ଣ ନଜର ରହିଥାଏ । ଅପରପକ୍ଷରେ ମହାକାଳପଡ଼ା ବ୍ଲକର ଉପକୂଳ ଅଞ୍ଚଳରେ ବହୁସଂଖ୍ୟାରେ ଟ୍ରଲର ଚାଳକ ବା ମୁଖ୍ୟ ମାଝି ନିୟନ୍ତ୍ରଣ କରିଥାନ୍ତି । ପଶ୍ଚିମବଙ୍ଗ, ଦୀଘା, ବାଲେଶ୍ୱର, ଭଦ୍ରକ, କଷାଫଳ, ବଡ଼ବାହଲ, ଧାମରା, ବଳରାମଗଡି, ପାରାଦୀପ, ଅସ୍ତରଙ୍ଗ, ତାଳଚୂଆ ଆଦି ଅଞ୍ଚଳର ସଂଖ୍ୟାଧିକ ଟ୍ରଲର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଧଡକ ଭାବେ ସାମୁଦ୍ରିକ ମୂଲ୍ୟବାନ ମାଛ ମାରୁଛନ୍ତି । ଏହି ଟ୍ରଲରଗୁଡ଼ିକରେ ମହାକାଳପଡ଼ା ବ୍ଲକର ବଟିଘର, ଖରିନାସୀ, ଜମ୍ବୁ, ପେଟଛେଲା, ସୁନୀତି, ରଟପଙ୍କ, ଶାସନ, ତନ୍ତିଆପାଳ, ଗୁଲଦିଆ ଆଦି ଅଞ୍ଚଳର ୫ ଶହରୁ ଅଧିକ ମାଝି ବା ମୁଖ୍ୟ ଡ୍ରାଇଭର ଭାବେ ନିୟୋଜିତ ଅଛନ୍ତି । ନିଷିଦ୍ଧାଞ୍ଚଳରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଚଢ଼ାଉ କରିବା ଉଦ୍ୟମ ଆରମ୍ଭ ହୋଇଥାଏ । ଏହି ସମୟରେ ବେଆଇନ ଭାବେ ପ୍ରବେଶ କରିଥିବା ଟ୍ରଲରମାନଙ୍କୁ ଜବତ କରିବା ପୂର୍ବରୁ ଡ୍ରାଇଭରଙ୍କ ପରିବାର ଲୋକମାନେ ଭିଏଚ୍ଏଫ୍ ମାଧ୍ୟମରେ ଆଗୁଆ ସୂଚନା ଦେବାରେ ସଫଳ ହୁଅନ୍ତି । ଫଳରେ ଟ୍ରଲରଗୁଡ଼ିକ କିଛି ଦୂରକୁ ଚାଲିଯିବାରେ ସକ୍ଷମ ହୁଅନ୍ତି । ଚଢ଼ାଉ ଟିମ୍ ନିରାଶରେ ଫେରିବାକୁ ପଡ଼ିଥାଏ । ଅପରପକ୍ଷରେ ଏହି ଅଞ୍ଚଳର କେତେଜଣ ଡ୍ରାଇଭର ନିଜ ଘରେ ସତର୍କତାମୂଳକ ବାଉଁଶ ଟାୱାରରେ ବେଆଇନ ଭାବେ ୫୦ରୁ ଅଧିକ ଭିଏଚ୍ଏଫ୍ ଲଗାଇବା ଯୋଗୁ ପୂର୍ବ ବର୍ଷଗୁଡ଼ିକରେ ପ୍ରଶାସନ ପକ୍ଷରୁ ବ୍ୟାପକ ଚଢାଉ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଚଳିତବର୍ଷ ମଧ କେତେଜଣ ଡ୍ରାଇଭରଙ୍କ ଘରେ ଏହି ମେଶିନ ସ୍ଥାପନ କରାଯାଇଥିବା ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ମତ୍ସ୍ୟଜୀବୀ ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ କପିଳେନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ବେଆଇନ ଟ୍ରଲର ଓ ଡଙ୍ଗା ଚଳାଚଳ ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଛି ବୋଲି ସେ କହିଛନ୍ତି ।

## ୭୧ ବର୍ଷରେ ମା' ଜଗଦ୍ଧାତ୍ରୀ ପୂଜା



ପରକୁଳା ଗ୍ରାମରେ ମା'ଜଗଦ୍ଧାତ୍ରୀଙ୍କ ପୂଜା ଚାଲିଛି ।

**ମାର୍ଶାଘାଇ,୩୦।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ପରକୁଳା ଗ୍ରାମରେ ମା'ଜଗଦ୍ଧାତ୍ରୀଙ୍କ ୭୧ତମ ବାର୍ଷିକ ପୂଜା ଉତ୍ସବ ପାଳିତ ହେଉଛି । ପବିତ୍ର କାର୍ତ୍ତିକ ଶୁକ୍ଳ ସପ୍ତମୀଠାରୁ ଆରମ୍ଭ ହୋଇ ଏକାଦଶ ପର୍ଯ୍ୟନ୍ତ ଚାଲିବ । ବୁଧବାର ଶୁଭାଧିବାସ ଅବସରରେ ସୂର୍ଯ୍ୟପୂଜା, କଳସଯାତ୍ରା, ବରୁଣ ପୂଜା, ଅଗ୍ନି ସ୍ଥାପନ, ମା'ଙ୍କ ଚକ୍ଷୁଦାନ ଓ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ସୂଚନାଯୋଗ୍ୟ, ଗ୍ରାମର ଭଗବତପ୍ରେମୀ ଯୁବକଙ୍କମାନଙ୍କ ଦ୍ୱାରା ୧୯୫୪ ମସିହାରୁ ମା' ଜଗଦ୍ଧାତ୍ରୀଙ୍କ ପୂଜା ଆରମ୍ଭ କରାଯାଇଥିଲା । ଗ୍ରାମର ଯେଉଁ ଯୁବକମାନଙ୍କ ଦ୍ୱାରା ମା'ଙ୍କ ଏହି ପୂଜାର ଆରମ୍ଭ କରାଯଇଥିଲା ସେଇ ସଦସ୍ୟମାନଙ୍କୁ ମଧ୍ୟରୁ ଏକ ମାତ୍ର ଜଣେ ଭଗବତ ପ୍ରେମୀ ନିଶାକର ପଣ୍ଡା ଜୀବିତ ଥିବା ଅନ୍ୟ ସମସ୍ତ ଭଗବତପ୍ରେମୀଙ୍କ ପରଲୋକ ହୋଇଗଲାଣି । ଏହି ଅବସରରେ ସେମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରାଯାଇଥିଲା । ମା'ଙ୍କର ଏହି ପୂଜା ୫ ଦିନ ଧରି ଅନୁଷ୍ଠିତ ହେବ ନେଇ ଭଗବତ ପ୍ରେମୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି ।

## ସ୍ୱାମୀ, ଶାଶୁଙ୍କୁ ଆକ୍ରମଣ : ମହିଳା ଗିରଫ

**କୁଜଙ୍ଗ, ୩୦।୧୦(ମନୋଜ ପ୍ରଧାନ):**

ସ୍ୱାମୀ ଓ ଶାଶୁଙ୍କୁ ରକ୍ତାକ୍ତ ଆକ୍ରମଣ କରିବାରୁ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି । କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ଗୋଠଡିଆ ଗ୍ରାମରେ ଏହି ଘଟଣା ଘଟିଛି । ଅଭିଯୁକ୍ତ ହେଲେ ଏହି ଗ୍ରାମର ଆଲୋକ ସାମଲଙ୍କ ସ୍ତ୍ରୀ ରୋଜାଲିନ୍(୩୨) । ସେ ଅକ୍ଟୋବର ୨୪ରେ ସ୍ୱାମୀ ଆଲୋକଙ୍କୁ ଆକ୍ରମଣ କରି ଗୁରୁତର କରିଥିବାବେଳେ ବିଧବା ଶାଶୁ ଚନ୍ଦ୍ରମଣି ସାମଲଙ୍କୁ ଆହତ କରିଥିଲେ । ଏନେଇ ଶାଶୁ ଚନ୍ଦ୍ରମଣି କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୮୬/ ୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା । ଏହି ଅଭିଯୋଗ ଆଧାରରେ ଗୁରୁବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି । ମାତ୍ର ଜାମିନ ନାମଞ୍ଜୁର ହେବାରୁ କୁଜଙ୍ଗ ଉପକାରାଗାରକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ରୋଜାଲିନ୍ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ନାଁରେ ଥାନାରେ ମାମଲା କରିଥିଲେ । ତେବେ ରୋଜାଲିନ୍‌ଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଗାଁର କେତେଜଣ ଲୋକେ ପରେ କୁଜଙ୍ଗ ଥାନାରେ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ।

## ରାସ୍ତା କାମର ସପ୍ତାହ ପରେ ଉଠିଗଲା ପିଚୁ

**ବରୀ, ୩୦।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ ବରୀ ମାଉଣ୍ଡଠାରୁ ବିଦ୍ଧୁପା ପର୍ଯ୍ୟନ୍ତ ରାସ୍ତାକାମର ଗୋଟିଏ ସପ୍ତାହ ପରେ ପିଚୁ ଉଠିଯାଇଥିବା ଅଭିଯୋଗ ହୋଇଛି ।



ଏହି ରାସ୍ତା ସମ୍ପ୍ରସାରଣ ଓ ମରାମତି ପାଇଁ ପୂର୍ତ୍ତ ବିଭାଗ ତରଫରୁ ୨୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା । ମାତ୍ର ଠିକାଦାର ବିନାସୂଚନା ଫଳକରେ ନିମ୍ନମାନର କାର୍ଯ୍ୟ କରିଥିଲେ । ରାସ୍ତା କାମ ସରିବାରେ ବିଳମ୍ବ ହେବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଠିକାଦାର ବରୀମାଉଣ୍ଡଠାରୁ ପିଚୁ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ରାସ୍ତା ଦେଇ ଲୋକେ ବରୀ ବ୍ଲକ କାର୍ଯ୍ୟାଳୟ, ଥାନା, ଅଗ୍ନିଶମ ବିଭାଗ କେନ୍ଦ୍ର, ବୌଦ୍ଧ ପୀଠ ରତ୍ନଗିରି, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦିକୁ ଲୋକେ ଯାତାୟାତ ପାଇଁ ନିର୍ଭର କରିଥାନ୍ତି । ପିଚୁ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଏଭଳି ପରସ୍ଥିତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଭଗବାନ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ରାସ୍ତାରେ ପୁଣିଥରେ ପିଚୁ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରଶ୍ମିକାନ୍ତ



@ ବିଭୂତି



@ ସ୍ୱାଗତିକା



@ ହରେକୃଷ୍ଣ



@ ଜ୍ଞାନରଞ୍ଜନ



@ ସଦାଶିବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଶାସନ ଘର ତାଲା ଭାଙ୍ଗି ନେଲା କାଗଜପତ୍ର

**ଜେଏସ୍‌ଡବ୍ଲ୍ୟୁ ପ୍ରାଚୀର ପାର୍ଶ୍ୱରେ ଗଢ଼ି ଉଠିଛି ବେଆଇନ ଘର**

**କୁଜଙ୍ଗ, ୩୦।୧୦(ମନୋଜ ପ୍ରଧାନ):**

ଜେଏସ୍‌ଡବ୍ଲ୍ୟୁ ପ୍ରାଚୀର ପାର୍ଶ୍ୱ ଅଞ୍ଚଳରେ ସରକାରୀ ଜମି ଉପରେ ବେଆଇନ ଘର ସବୁ ଗଢି ଉଠିଛି । ଏହାକୁ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯାଇଛି । ବୁଧବାର ଜିଲାପାଳ ଜେ. ସୋନାଲ ଓ ଏସ୍‌ପି ଅଙ୍କିତ ବର୍ମା ଅଚାନକ ଜେଏସ୍‌ଡବ୍ଲ୍ୟୁ ଅଞ୍ଚଳକୁ ପରିଦର୍ଶନରେ ଯାଇ ବେଆଇନ ଭାବେ ଗଢ଼ି ଉଠିଥିବା ଘର ସବୁକୁ ଅନୁଧ୍ୟାନ କରିବା ସହ ଯୋଗୀ ସାହି ନିକଟରେ ଥିବା ଏକ ଘରର ତାଲା ଭାଙ୍ଗି ସେଠାରେ ଥିବା କାଗଜପତ୍ର ନେଇଯାଇଛନ୍ତି । ଉକ୍ତ ଘରଟି ସେହି ଅଞ୍ଚଳର ଜଣଙ୍କର ହୋଇଥିବା ବେଳେ ସେ ଜଣେ ବ୍ୟବସାୟୀଙ୍କୁ ତାଙ୍କ କାର୍ଯ୍ୟାଳୟ ପାଇଁ ଭଡାରେ ଦେଇଥିଲେ । ସେହି କାର୍ଯ୍ୟାଳୟରେ ଅନେକ ସମୟରେ ଅସାମାଜିକଙ୍କ ଆଡ୍ଡା ଜମୁଥିଲା ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ ଗୁରୁବାର ଏରସମା ତହସିଲଦାରଙ୍କ ସମେତ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ରହି ସର୍ଭେ କରିଥିବା ଜଣାପଡିଛି ।

ସୂଚନାଯୋଗ୍ୟ, କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟକ୍ତିଗତ ଘର ରହିଲେ ଚୋରି ହେବା ସହ ବାହ୍ୟ ବିପଦ ଆସିବାର ଆଶଙ୍କା କରି ପ୍ରଶାସନ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ଆଲୋଚନା ହେଉଛି । କାରଖାନାକୁ ଆଖି ଆଗରେ ରଖି କେତେଜଣ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ଘର କରି ଭଡ଼ା ଲଗାଇଛନ୍ତି । ଅନେକ ପୂର୍ବରୁ ଜମି ଦଖଲକରି ରଖିଛନ୍ତି । ଝାଟି ଜଙ୍ଗଲ ଜାଗାକୁ କେତେଜଣ ବ୍ୟକ୍ତି ବିନା କାଗଜପତ୍ରରେ ୨ ଡିସିମିଲ ଜାଗାକୁ ବାହାର ଲୋକଙ୍କୁ ୧ ଲକ୍ଷ ୪୦ ହଜାରରେ ବିକ୍ରି କରିଥିବା ଆଲୋଚନା ହେଉଛି । ଜେଏସ୍‌ଡବ୍ଲ୍ୟୁ ସୂତ୍ରରୁ ଜଣାପଡ଼ିଛି, ପ୍ରାଚୀର ବାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ରାସ୍ତା ନିର୍ମାଣ ହେବା ସହ ଚାରା ରୋପଣ କରାଯିବ । ତେଣୁ ପ୍ରଶାସନ ଉଚ୍ଛେଦ ନ କଲେ ତାହା ସମ୍ଭବ ହେବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି ।

## ଶ୍ୱଶୁରଘରେ ନିଆଁ ଲଗାଇ ଜ୍ୱାଇଁ ଗିରଫ

**ଏରସମା, ୩୦।୧୦ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଖୁରାଣ୍ଟୁଠ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଶ୍ୱଶୁର ଘରେ ନିଆଁ ଲଗାଇବା ଅଭିଯୋଗରେ ଗୁରୁବାର ଜ୍ୱାଇଁଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ନୂଆରତନପୁର ଗ୍ରାମର ଅମୀୟ ରାଉଳ ଓରଫ ବୁଲୁ । ଅଭିଯୋଗ ଅନୁଯାୟୀ, କୌଣସି କାରଣରୁ ଶ୍ୱଶୁର ଘର ସହ ଅମୀୟଙ୍କ ମନୋମାଳିନ୍ୟ ହୋଇଥିଲା । ଗତ ୨୫ ତାରିଖ ରାତିରେ ଶ୍ୱଶୁର ଘର ଲୋକେ ଶୋଇବା ପରେ ବିଳମ୍ବିତ ରାତିରେ ଅମୀୟ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ । ଶ୍ୱଶୁର ଘର ଲୋକଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଆସି ନିଆଁ ଲିଭାଇବା ସହ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଏନେଇ ଶାଶୁ ନୟନାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୩୮୬/୨୫) ରୁଜୁ କରି ତଦନ୍ତ ଚଳାଇଛି ବୋଲି ଆଇଆଇସି ପ୍ରେମଜୀତ ଦାସ କହିଛନ୍ତି ।

## ଚାହିଦା ମେଣ୍ଟାଇବା ପାଇଁ ଆଳୁଚାଷକୁ ଗୁରୁତ୍ୱ

■ ୨୦ ହେକ୍ଟର ଚାଷ ପାଇଁ ଟାର୍ଗେଟ।

■ ବିହନରେ ମିଳିବ ସବ୍‌ସିଡି

■ ଗୋସୁଗମ ପୋର୍ଟାଲରେ ଆବେଦନ କରିବେ ଚାଷୀ

**ରଘୁନାଥପୁର, ୩୦।୧୦ (ରାଜେନ୍ଦ୍ର ନାରାୟଣ ସିଂହ)**



ରାଜ୍ୟରେ ଆଳୁର ଚାହିଦା ମେଣ୍ଟାଇବା ପାଇଁ ଆଳୁଚାଷ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ସରକାର । ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ନ ହୋଇ ଚାଷୀମାନେ ବ୍ୟାପକ ଆଳୁ ଚାଷ କରି ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି । ଏଥିପାଇଁ ଚାଷୀଙ୍କୁ ସଚେତନ କରାଯିବା ସହ ଶିମଲାରୁ ଉନ୍ନତମାନର କୁଫ୍ରିଜ୍ୟୋତି ଆଳୁମଞ୍ଜି ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି । ଏହାଛଡ଼ା ବୈଷୟିକ ଜ୍ଞାନ କୌଶଳ ମଧ ସରକାରୀ ସ୍ତରରେ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ସରକାରୀସ୍ତରରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ଆପାତତଃ ୩୦୦ କୁଇଣ୍ଟାଲ ଆଳୁମଞ୍ଜି ଯୋଗାଇ ଦିଆଯିବ । ସରକାରୀସ୍ତରରେ ଆଳୁମଞ୍ଜି କେଜି ପିଛା ୪୨ ଟଙ୍କା ୨୪ ପଇସା ମୂଲ୍ୟ ଥିବାବେଳେ ଚାଷୀଙ୍କୁ କେଜି ପିଛା ୨୦ଟଙ୍କାରେ ଯୋଗାଇ ଦିଆଯିବା ପାଇଁ ନିର୍ଦ୍ଦେଶ ରହିଛି । ଚାଷୀମାନେ ଆଳୁମଞ୍ଜି ଲଗାଇ ସାରିବା ପରେ ପୁଣି ୧୦ ଟଙ୍କା ଡିବିଟି ଜରିଆରେ ଆକାଉଣ୍ଟକୁ ଛଡ଼ାଯିବ ବୋଲି ସହକାରୀ ଉଦ୍ୟାନ କୃଷି ଅଧିକାରୀ ମୋନାଲିସା ପତି ପ୍ରକାଶ କରିଛନ୍ତି । ନଭେମ୍ବର ୧୫ ତାରିଖ ପରେ ଆଳୁ ମଞ୍ଜି ବିକ୍ରୟ ଆରମ୍ଭ ହେବ । ଚାଷୀମାନେ ଗୋସୁଗମ ପୋର୍ଟାଲରେ ଆଳୁ ଚାଷ ପାଇଁ ଆବେଦନ କରିପାରିବେ । ଏହାଛଡ଼ା ସିଧାସଳଖ ଅଫିସକୁ ଆସି ମଧ୍ୟ ସହାୟତା ନେଇପାରିବେ । ଅତି କମରେ ଆଳୁଚାଷ ପାଇଁ ଆବେଦନକାରୀଙ୍କ ୬ ଗୁଣ୍ଠ ଜମି ଥିବା ଆବଶ୍ୟକ । ଯଦି ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଜମିରେ ଆଳୁଚାଷ ପାଇଁ ଆବେଦନ କରାଯାଏ ତା'ହେଲ ସେମାନଙ୍କୁ ମଞ୍ଜି ଯୋଗାଇ ଦିଆଯିବ ବୋଲି ଉଦ୍ୟାନ କୃଷି ଅଧିକାରୀ ପତି ପ୍ରକାଶ କରିଛନ୍ତି । କେଜି ପ୍ରତି ୨୦ଟଙ୍କା ଦରରେ ରଘୁନାଥପୁର ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଆଳୁ ମଞ୍ଜି ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି । ତୃଣମୂଳସ୍ତରରେ ଚାଷୀଙ୍କୁ ସହାୟତା ଓ ତଦାରଖ ଦାୟିତ୍ୱରେ କ୍ଷେତ୍ର ଅଧିକାରୀ ସଞ୍ଜୀବ ରାଉତ ଓ ସୌମ୍ୟାରାଣୀ ପଣ୍ଡା ରହିଛନ୍ତି । ଅନ୍ୟପକ୍ଷେ ବ୍ୟାପକ ଆଳୁ ଚାଷ ପାଇଁ ସରକାରୀ ସହାୟତା ପ୍ରଦାନ କରିବା ସହ ନୂତନ ଆଳୁ ଚାଷୀମାନଙ୍କୁ ଆଳୁଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ଜିଲାର ବିଭିନ୍ନ ସ୍ଥାନରେ ଉନ୍ନତମାନର ଶୀତଳଭଣ୍ଡାର ନିର୍ମାଣ କରିବା ଅତ୍ୟନ୍ତ ଜରୁରୀ ବୋଲି ଜିଲା କୃଷକ ସଙ୍ଗଠନର ସମ୍ପାଦକ ଇଂ.ବାବାଜୀ ଚରଣ ଜେନା,ସଭାପତି ଗୋବିନ୍ଦ ଜେନା, କୋଷାଧ୍ୟକ୍ଷ ଦିଲୀପ ରଥ, ବିନୋଦ ବିହାରୀ ମହାନ୍ତି, ଶାରଦା ପ୍ରସାଦ ରାୟଙ୍କ ସମେତ ବରିଷ୍ଠ ଚାଷୀମାନେ ଦାବି କରିଛନ୍ତି ।

# ସମାଧାନ ହେବ ୧୮ ଖଣ୍ଡ ଗାଁ ବିବାଦ

- ଆଲୋଚନା ପରେ ବାହାରିଲା ନିର୍ଯାସ
- ଗୁଡୁପାଙ୍ଗି ଗାଁ ଲୋକଙ୍କ ନାଁରେ ଥିବା ମାମଲା ହେବ ପ୍ରତ୍ୟାହାର
- ୨ ଗାଁର ପଡ଼ିଆ ପଡ଼ିଥିବା ୨୭୦ ଏକର ଜମିରେ କରାଯିବ ଚାଷ
- ଗଠନ ହେବ ୮ଜଣିଆ ଶାନ୍ତି କମିଟି
- ଅତିରିକ୍ତ ଜିଲାପାଳଙ୍କ ଅଧକ୍ଷତାରେ ବସିଥିଲା ବୈଠକ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନୟାଗଡ଼,୩୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ନୟାଗଡ଼ ସଦର ଥାନାର ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ପ୍ରାୟ ୧୦ ବର୍ଷ ହେଲା ଲାଗି ରହିଥିବା ବିବାଦର ସମାଧାନ ହେବା ପାଇଁ ସମାଧାନର ସୂତ୍ର ବାହାରିଛି। ଏନେଇ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ବୈଠକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଓ ଉପଜିଲାପାଳ କର୍ଣ୍ଣଦେବ ଆଲୋଚନା କରିଥିଲେ। ୧୭ ଖଣ୍ଡ ଗାଁ ପକ୍ଷରୁ ଡେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ, ବଳଭଦ୍ରପୁର ଢିପମାଳ ରାସ୍ତା କ୍ରିୟାନୁଷ୍ଠାନ କମିଟି ସଭାପତି ଦେବରାଜ ବରାଳ, ସମ୍ପାଦକ ଗଣେଶ୍ୱର ପରିଡ଼ା ଓ କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ ଯୋଗ ଦେଇଥିବାବେଳେ ଗୁଡୁପାଙ୍ଗି ଗାଁ ସଭାପତି ଗଙ୍ଗାଧର ନାୟକ, ଜ୍ଞାନ ପ୍ରକାଶ ବାରିକ, ଗୋବିନ୍ଦ ଚନ୍ଦ୍ର ନାୟକ ଓ ଭଗବାନ ସ୍ୱାଇଁ ପ୍ରମୁଖ ୪ଜଣ ଲେଖାଏ ଏପରି ମୋଟରେ ୮ଜଣ ଯୋଗଦେଇଥିଲେ। ୧ ବନାମ ୧୭ ଖଣ୍ଡ ଗାଁର ପୁରୁଣା ବିବାଦ ଉପରେ ଆଲୋଚନା କରାଯାଇ ସମାଧାନର ନିର୍ଯାସ ବାହାରିଥିଲା। ଗୁଡୁପାଙ୍ଗି ଗାଁ ଲୋକଙ୍କ ନାଁରେ ହୋଇଥିବା ମାମଲା ପ୍ରତ୍ୟାହାରକରି ନେବାକୁ ୧୭ ଖଣ୍ଡ ଗାଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷେ ଜଙ୍ଗଲ ରାସ୍ତା ହୋଇଥିବାରୁ ବିବାଦର ସମାଧାନ କରିବାକୁ ହେଲେ ରାସ୍ତାର କିସମ ପରିବର୍ତ୍ତନ ପାଇଁ ପଲ୍ଲିସଭା ଓ ଗ୍ରାମସଭାରେ ରାସ୍ତା ସମ୍ପର୍କରେ ପାସ୍ କରାଇବାକୁ ପଡିବ। ପଲ୍ଲିସଭା ଓ ଗ୍ରାମସଭାରେ ପାସ୍ ପରେ ବଳଭଦ୍ରପୁର ଭାୟା ସଦାବନ୍ଧଛକ ଢିପମାଳ ରାସ୍ତା, ବଳଭଦ୍ରପୁର ଭାୟା ଭାୟା ଗୁଡୁପାଙ୍ଗି ଢିପମାଳ ରାସ୍ତା କରିବାରେ ଅସୁବିଧା ହେବନି ବୋଲି ଆଲୋଚନା ହୋଇଥିଲା। ଗୁଡୁପାଙ୍ଗି ରାଜସ୍ୱ ଗାଁ ହୋଇଥିବାରୁ ପଲ୍ଲିସଭା ଓ ଗ୍ରାମସଭାରେ ରାସ୍ତା ସମସ୍ୟା ପାସ୍ କରାଇବାକୁ ପ୍ରସ୍ତାବ ଦିଆଯାଇଛି।

ପ୍ରାୟ ୯ ବର୍ଷ ହେଲା ପଡିଆ ପଡିଥିବା ବଳଭଦ୍ରପୁର ଗାଁର ୨୦୦ ଏକର ଓ ଗୋଛାବାରୀ ଆଦିବାସୀଙ୍କର ୭୦ ଏକର ଜମି ପୂର୍ବପରି ଚାଷ ହେବ। ଗୁଡୁପାଙ୍ଗି ଲୋକ ଆଉ ଜମି ଚାଷ କରିବାକୁ ବିରୋଧ କରିବେ ନାହିଁ ବୋଲି ଅନୁରୂପ ପ୍ରସ୍ତାବ ରହିଛି। ୧୮ ଗାଁର ଲୋକ ଶାନ୍ତିରେ ରହିବାକୁ ଉଭୟେ ପକ୍ଷ ପଦକ୍ଷେପ ନେବେ। ଗୁଡୁପାଙ୍ଗି ଲୋକ ପ୍ରଶାସନର ପ୍ରସ୍ତାବରେ ରାଜି ହୋଇ ଗାଁରେ ଆଲୋଚନା କରି ନିଜର ସହମତି ସମ୍ପର୍କରେ କହିବାକୁ ପ୍ରକାଶ କରିଥିଲେ। ତେବେ ୧୮ଟି ଗାଁ ଲୋକ ପ୍ରତିନିଧି ନଭେମ୍ବର ଶେଷ ସୁଦ୍ଧା ପୁଣି ଏକାଠି ହେବେ। ଗାଁର ସମସ୍ୟା କେତେଦୂର ସମାଧାନ ହେଲା ସେନେଇ ଜିଲାପାଳଙ୍କୁ ଅବଗତ କରାଇବେ। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ଏକ ବୈଠକ କରାଯାଇ ୧୮ ଖଣ୍ଡ ଗାଁ ଲୋକ କିପରି ଭାଇଚାରା ସମ୍ପର୍କରେ ଚଳିବେ, ରାସ୍ତା ସମସ୍ୟା ପରି ଅନ୍ୟ ସମସ୍ୟା ହଟିବ ସେନେଇ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଛି।

ପ୍ରକାଶଯେ, ବଳଭଦ୍ରପୁର ଭାୟା ସଦାବନ୍ଧଛକ ଢିପମାଳ ରାସ୍ତା, ବଳଭଦ୍ରପୁର ଭାୟା ଭାୟା ଗୁଡୁପାଙ୍ଗି ଢିପମାଳ ରାସ୍ତା ନିର୍ମାଣ ପାଇଁ ୧ ବନାମ୧୭ ଖଣ୍ଡ ଗାଁର ଲୋକଙ୍କ ମଧ୍ୟରେ ବିବାଦ,ମାରପିଟ, ଆନ୍ଦୋଳନ, ଧର୍ମଘଟ, ରାସ୍ତାରୋକୋ, ଘେରାଉ, କୋର୍ଟ କଚେରି ଓ ଗ୍ରୀନ୍ ଟ୍ରିବ୍ୟୁନାଲ କରାଯାଇଛି। ହେଲେ ସମାଧାନର ନିର୍ଯାସ ବାହାରିବା ବଦଳରେ ବିବାଦ ଉଗ୍ରରୂପ ନେଇଛି। ଗୁରୁବାର ବୈଠକର ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ହେଲେ ବିବାଦ ସମାଧାନ ହୋଇଯିବ ବୋଲି ଅନୁମାନ କରାଯାଉଛି।

ଏନ୍‌ଏସି କାର୍ଯ୍ୟ ନିର୍ବାହୀଙ୍କ ଉଦ୍ୟମ

## ଅସହାୟା ପ୍ରୌଢ଼ାଶ୍ରମରେ ହେଲେ ଥଇଥାନ


ବୃଦ୍ଧାଙ୍କ ନିକଟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର।

ଖଣ୍ଡପଡ଼ା ୩୦।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ତ୍ରିନାଥ ଛକସ୍ଥିତ ଏକ ବ୍ୟବସାୟ ପ୍ରତିଷ୍ଠାନ ପରିସରରେ ଦୀର୍ଘମାସ ଧରି ଆଶ୍ରୟ ନେଇଥିବା ଜଣେ ଅସହାୟ ବୃଦ୍ଧାଙ୍କୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ଉଦ୍ୟମକ୍ରମେ ନୟାଗଡ ସମର୍ପଣ ପୌଢାଶ୍ରମରେ ଥଇଥାନ କରାଯାଇଥିବା ଜଣାପଡିଛି।

ସୂଚନାଯୋଗ୍ୟ ବୃଦ୍ଧା ମିନିକା ପାଳ(୭୫) ଙ୍କ ଘର ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତ ହରିଚନ୍ଦନପୁର ଗ୍ରାମରେ। ସମ୍ପୃକ୍ତ ବୃଦ୍ଧା ଜଣକ ସ୍ୱାମୀଙ୍କ ସହ ଖଣ୍ଡପଡ଼ା ସହରରେ ଏକ ଘରଭଡା ନେଇ ରହୁଥିବା ବେଳେ ସ୍ୱାମୀ ବଙ୍କି ପାଳଙ୍କର ଗତ କିଛି ମାସ ତଳେ ମୃତ୍ୟୁ ହୋଇଥିଲା। ପରେ ବୃଦ୍ଧା ଜଣକ ବେସାହାରା ହୋଇ ପଡିଥିଲେ। ସେ ଭଡା ଘରେ ରହୁଥିବା ବେଳେ ପ୍ରତିମାସରେ ଘରଭଡା ବାବଦ ଅର୍ଥ ଦେଇ ନ ପାରିବାରୁ ମାଲିକ ବୃଦ୍ଧାଙ୍କୁ ଘରୁ ବାହାର କରିଦେବା ପରେ ପରିସ୍ଥିତିକ୍ରମେ ବୃଦ୍ଧା ଜଣକ କର୍ମକୁ ଆଦରି ବ୍ୟବସାୟ ପ୍ରତିଷ୍ଠାନ ପରିସରରେ ଅସହାୟ ଅବସ୍ଥାରେ ପଡି ରହିଥିଲେ। ସ୍ଥାନୀୟ ବାସିନ୍ଦା ଏ ସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ର ତାଙ୍କୁ ବୃଦ୍ଧାଶ୍ରମରେ ଥଇଥାନ କରିଛନ୍ତି। ବୃଦ୍ଧାଙ୍କର ୨ ପୁଅ ଥିବା ହରିଚନ୍ଦନପୁର ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

## ମା'ନାରାୟଣୀ, ମୁଣ୍ଡିଆ ହନୁମାନ ପୀଠରେ ଭାଗବତ ସପ୍ତାଙ୍ଗ

ଖଣ୍ଡପଡା,୩୦।୧୦
(ଅଜୟ କୁମାର ମହାରଣା)

ପଥରଚକଡାସ୍ଥିତ ମା' ନାରାୟଣୀ ଓ ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁରସ୍ଥିତ ମୁଣ୍ଡିଆ ହନୁମାନଙ୍କ ପୀଠରେ ବାର୍ଷିକ ଭାଗବତ ସପ୍ତାଙ୍ଗ ତଥା ଯଜ୍ଞ ଉତ୍ସବ ଗୁରୁବାରରୁ ପାଳିତ ହେଉଥିବା ବେଳେ ଶ୍ରଦ୍ଧାଳୁମାନେ ଏହି ପବିତ୍ର ସପ୍ତାଙ୍ଗ ଯଜ୍ଞ ଦର୍ଶନ ପାଇଁ ମା' ନାରାୟଣୀଙ୍କ ପୀଠରେ ପ୍ରାତଃ କାଳରୁ ସମାଗମ ହେଉଥିବା ପରିଲକ୍ଷିତ ହେଉଛି । ଆସନ୍ତା ୭ଦିନ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ନାରାୟଣୀ ପୀଠ ସପ୍ତାଙ୍ଗ କାର୍ଯ୍ୟ ମୁଖ୍ୟ କର୍ତ୍ତା କୃଷ୍ଣଚନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି।


ମା' ନାରାୟଣୀ ।

ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା

## ମୃତକଙ୍କ ନୋମିନି ବୃଦ୍ଧା ମା'ଙ୍କୁ ମିଳିଲା ୨ ଲକ୍ଷ ଟଙ୍କା

ଓଡଗାଁ,୩୦।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସାକେରୀ ଗ୍ରାମର ମୃତ ଯୁବକଙ୍କ ନୋମିନି ଥିବା ବୃଦ୍ଧା ମା'ଙ୍କୁ ଷ୍ଟେଟ ବ୍ୟାଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ସାକେରୀ ଗ୍ରାମର ସନ୍ତୋଷ କୁମାର ମହାରଣା (୩୪)କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଅଗଷ୍ଟ ମାସରେ ମୃତ୍ୟୁବରଣ କରିଥିଲେ। ହେଲେ ଅସହାୟ ବୃଦ୍ଧା ମା' ପୁଅର ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନା ବୁଲିଥିବା ବେଳେ ନିଜ ରହିବା ଘର ବନ୍ଧକ ରଖି ପ୍ରାୟ ଦେଢ଼ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିଥିଲେ। ହେଲେ ଯୁବାବସ୍ଥାରେ ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବିଧବା ବୃଦ୍ଧା ମା'ଙ୍କୁ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କରେ ପିଏମ୍‌ଜିଜିୱାଇ ଯୋଜନାରେ ପୁଅ ମାତ୍ର ୪୩୬ ଟଙ୍କା ବାନ୍ଧି ବୀମା ଭୁକ୍ତ ହୋଇଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଡାକିଆଣି ୨ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାଯାଇଛି। ଏଥିପାଇଁ ବୃଦ୍ଧା ଲୋତକ ଓ କୋହଭରା ହୋଇ ପୁଅ ପାଇଁ ରହିବା ଘର ଖଣ୍ଡିକ ମୁକାଳିପାରିବି ବୋଲି କହିଥିଲେ। ବ୍ୟାଙ୍କ ମ୍ୟାନେଜର ଲକ୍ଷ୍ମୀଧର ସୁବୁଦ୍ଧି ଓ ସହାୟକ ମ୍ୟାନେଜର ଗୁରୁବାର ପୁଅ ଦ୍ୱାରା ନୋମିନି ଥିବା ବୃଦ୍ଧା ଦ୍ରୌପଦୀ ମହାରଣା (୭୦)ଙ୍କୁ ଚେକ୍ ପ୍ରଦାନ କରିବା ସହିତ ତୁରନ୍ତ ଏହି ଟଙ୍କା ବୃଦ୍ଧାଙ୍କ ଖାତାରେ ଜମା କରିବା ସହିତ ସୁବିଧା ଅନୁସାରେ ସେ ଏହାକୁ ଉଠାଣ କରିପାରିବେ ବୋଲି ସୂଚନା ଦେଇଥିଲେ। ଗାଁ ଗହଳିରେ ଏହି ଯୋଜନା ଏବେ ବି ଅପହଞ୍ଚ ଥିବା ବେଳେ ଏନେଇ ବ୍ୟାପକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ସାମାଜିକକର୍ମୀ ତଥା ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର ଓ ଆଦର୍ଶ କୁମାର ପଟ୍ଟନାୟକ ମତପୋଷଣ କରିଥିଲେ।


ଚେକ୍ ପ୍ରଦାନ କରାଯାଉଛି।

## ଉଜୁଡ଼ିବାକୁ ବସିଛି ଫସଲ, ଚାଷୀକୁଳ ଭୟଭୀତ

ଦଶପଲ୍ଲା, ୩୦।୧୦(ପ୍ରକାଶ କୁମାର ପାଣି)

ବର୍ଷା ଯୋଗୁ ଚାଷୀକୁଳ ଭୟଭୀତ ହୋଇପଡିଛନ୍ତି। ଚଳିତବର୍ଷ ଭଲ ଫସଲ ଅମଳ ହେବ ବୋଲି ଚାଷୀମାନେ ଆଶା କରିଥିଲେ। ଚଳିତ ବର୍ଷ ଧାନରୁଆ ବିଳମ୍ବରେ ହୋଇଥିବାରୁ ଚାଷୀ ୟୁରିଆ ସାର ଚଢ଼ାଦରରେ ଆଣି ଜମିରେ ପକାଇବାରୁ ଗଛ ବଢ଼ିଥିଲା। ବର୍ତ୍ତମାନ ସମସ୍ତ ଗଛରେ କେଣ୍ଟା ଧରିଛି। ଏଭଳିସ୍ଥିତିରେ ବାତ୍ୟା ଯୋଗୁ ଚାଷୀକୁଳ ଭୟଭୀତ ହୋଇପଡିଛନ୍ତି। ବର୍ତ୍ତମାନ ସମସ୍ତ ଧାନଗଛ ଶୋଇପଡିଛି। ବର୍ଷା ପାଣି ଧାନ ଉପରେ ମାଡ଼ିଯାଇଥିବାରୁ ନିଷ୍କାସନ ନ ହେଲେ ଧାନ ପଚି ଅଗାଡି ହୋଇଯିବ ବୋଲି ଚାଷୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପନିପରିବା ଫସଲ କରିଥିବା ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି।

## ଜୀବନଜ୍ୟୋତି ପରିଷଦ ପକ୍ଷରୁ ଗୋଷ୍ଠାଷ୍ଟମୀ ମହୋତ୍ସବ

ନୂଆଗାଁ, ୩୦।୧୦(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ସୋରଡା ପଞ୍ଚାୟତ ଜଗନ୍ନାଥପ୍ରସାଦଠାରେ ଥିବା ଗୋକୁଳ ଆଶ୍ରମରେ ଜୀବନଜ୍ୟୋତି ପରିଷଦ ପକ୍ଷରୁ ଗୁରୁବାର ଗୋଷ୍ଠାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ଗୋ ବଂଶର ସୁରକ୍ଷା ଦ୍ୱାରା ପ୍ରକୃତି ସନ୍ତୁଳିତ ହୋଇପାରିବ। ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଗୋ ପାଳନ ଏବଂ ଗୋ ରକ୍ଷା କରିବା ନିମନ୍ତେ ହିନ୍ଦୁମାନଙ୍କୁ ଜାଗ୍ରତ କରାଯାଉଛି। ଏହି ଅବସରରେ ଗୋକୁଳ ଆଶ୍ରମ ସଭ୍ୟ ଏବଂ ସ୍ଥାନୀୟ ଗ୍ରାମବାସୀ ପୂର୍ବ ନିର୍ଦ୍ଧାରିତ ଅନୁସାରେ ପ୍ରାତଃ ୫ଟାରେ ଗାୟତ୍ରୀମନ୍ତ୍ର ପାଠ କରିବା ସହ ଯୋଗ କରିଥିଲେ। ୬ଟାରେ ନାମ ସଂକୀର୍ତ୍ତନ କରି ନଗର ଭ୍ରମଣ କରାଯାଇଥିଲା। ୭ଟାରେ ସୂର୍ଯ୍ୟପୂଜା ଏବଂ ୮ଟାରେ ଗୋ ପୂଜନ କରାଯାଇଥିଲା। ଖଗେଶ୍ୱର ଦାସ ନିତିକାନ୍ତି ଅନୁଯାୟୀ ଗୋ ପୂଜନ କରି ଗୋ ଶାଳାରେ ଥିବା ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଗୋମାତାଙ୍କୁ ଖାଦ୍ୟ ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରେ ଘୃତଯଜ୍ଞ କରାଯାଇଥିଲା। ଗୋ ପୂଜକ ଦାସ ଗୋ ପାଳନର ମହତ୍ତ୍ୱ ବିଷୟରେ ଲୋକମାନଙ୍କୁ ଗୀତ ମାଧ୍ୟମରେ ବୁଝାଇଥିଲେ। ଗୋକୁଳ ଆଶ୍ରମ ପୁରୋଧା ତଥା ଜଗନ୍ନାଥପ୍ରସାଦ ଜୀବନଜ୍ୟୋତି ପରିଷଦ ସଭାପତି ମାଧବ ପ୍ରଧାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଗୋ ପୂଜକ ଧରଣୀଧର ଦାସ, ସୁଦର୍ଶନ ପ୍ରଧାନ, ବେଦମତୀ, ଗୀତାଞ୍ଜଳି ପ୍ରଧାନ, ସଞ୍ଜୁ ପ୍ରଧାନଙ୍କ ସମେତ ଗୋପ୍ରେମୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରଶ୍ମିକାନ୍ତ


@ ବିଭୂତି


@ ସ୍ୱାଗତିକା


@ ହରେକୃଷ୍ଣ


@ ଜ୍ଞାନରଞ୍ଜନ


@ ସଦାଶିବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ବର୍ଷ ଜବରଦଖଲ ପାଇଁ କମ୍ପାନୀ ଦେବ ଜରିମାନା

ଦାଣ୍ଡୋର ଗୋଚର ଜମି ଘରୋଇ ପାଇପ୍ କମ୍ପାନୀ ଦଖଲରୁ ମୁକ୍ତ ହେବ


ତହସିଲଦାରଙ୍କ କୋର୍ଟରେ ଆଲୋଚନା କରାଯାଉଛି।

ଓଡଗାଁ, ୩୦।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅଧୀନରେ କେତେକ ଗ୍ରାମକୁ ମହାନଦୀରୁ ପାନୀୟ ଜଳ ଯୋଗାଇ ଦେବାକୁ ବିଗତ ସରକାରଙ୍କ ସମୟରେ ଅଣ ଓଡିଆ ସଂସ୍ଥା ମାଧ୍ୟମରେ ଗାଁ ଗାଁରେ ପାଇପ୍ ବିଛା କାର୍ଯ୍ୟାରମ୍ଭ ହୋଇଥିଲା। ମହାନଦୀ ପାଣି ଗାଁରେ ପହଞ୍ଚିବା ଦୂରେ ଥାଉ, ସମ୍ପୃକ୍ତ ଠିକା ସଂସ୍ଥା ପ୍ରାୟ ୩ ବର୍ଷ ହେଲା ଲୋକଙ୍କ ଘର ବାରଣ୍ଡା, ପିଣ୍ଡା ଓ ଦାଣ୍ଡ ଆଦି ଖୋଳି ଭୂତଳ ପାଇପ ଲାଇନ୍ ବିଛାଇବା କାର୍ଯ୍ୟ କରୁଥିବା ବେଳେ ଏଥିପାଇଁ ଆବଶ୍ୟକ ବହୁ ପରିମାଣର ପ୍ଲାଷ୍ଟିକ ପାଇପ୍ ଏହି ବ୍ଲକ ଅଧୀନରେ ଥିବା କୁରାଳ ପଞ୍ଚାୟତ ଦାଣ୍ଡୋର ଗ୍ରାମର ପ୍ରାୟ ୫ ଏକର ଗୋଚର ଜମିକୁ ମନଇଚ୍ଛା ଗୋଦାମ ଭାବେ ବ୍ୟବହାର କରିଥିବା ନେଇ ବହୁବାର ଅଭିଯୋଗ ହୋଇ ଆସୁଥିଲା।

ଅନ୍ୟପକ୍ଷେ ବିଗତ ସରକାରଙ୍କ ଚାପରେ ଗ୍ରାମବାସୀଙ୍କ ବିରୋଧକୁ ଚାପି ଦିଆଯାଇଥିଲା। ଗାଁମୁଣ୍ଡରେ ଥିବା ଏହି ଜାଗାରେ ଲୋକଙ୍କ ଗୃହପାଳିତ ପ୍ରାଣୀ ବର୍ଷତମାମ ଚରୁଥିବା ବେଳେ ଲୋକେ ଫସଲ ଅମଳ ଆଦି ପାଇଁ ଏହି ଗୋଚର ଜମିକୁ ବ୍ୟବହାର କରୁଥିଲେ। ଫଳରେ ଚାପରେ ଥିବା ଗ୍ରାମବାସୀ ନୂତନ ସରକାର ଆସିଲା ପରେ ନୟାଗଡ଼ ଜିଲାପାଳଙ୍କୁ ଏନେଇ ଅଭିଯୋଗ କରିଥିଲେ। ସ୍ଥାନୀୟ ତହସିଲଦାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୁରାଳ ରାଜସ୍ୱ ନିରୀକ୍ଷକ ସମ୍ପୃକ୍ତ ଜବରଦଖଲ ଗୋଚର ଜାଗା ପରିଦର୍ଶନ କରିବା ସହିତ ୪.୮୮ ଏକର ଗୋଚର ଜାଗାରେ କେଇସି-ଏସ୍‌ଏମ୍‌ପିଏଲ୍ ଯାନ୍ତ୍ରିକ ଘରୋଇ କମ୍ପାନୀ ୨ ବର୍ଷରୁ ଉର୍ଦ୍ଧ୍ୱ ହେଲା ଜବରଦଖଲ କରି ରଖିଥିବା ନେଇ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ସରକାରୀସ୍ତରରେ ଜବରଦଖଲ ଉଚ୍ଛେଦ କରିବାରେ ବିଳମ୍ବ ହେବା ଏବଂ ଧାନ ଅମଳ ସମୟ ପାଖେଇ ଆସିଥିବାରୁ କେତେକ ଗ୍ରାମବାସୀ ପହଞ୍ଚି ସମ୍ପୃକ୍ତ ପାଇପ୍ ଗୋଦାମରେ ତାଲା ପକାଇ ଦେଇଥିଲେ। ଫଳରେ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ପାଇପ୍ ବିଛା କାର୍ଯ୍ୟରେ ବାଧା ଉପୁଜିବା ଆଶଙ୍କା କରି ଗୁରୁବାର ଦାଣ୍ଡୋର ଗ୍ରାମବାସୀଙ୍କ ସମେତ ସମ୍ପୃକ୍ତ ଠିକା ସଂସ୍ଥା ପ୍ରତିନିଧିଙ୍କୁ ନିଜ ଅଦାଲତରେ ହାଜିର ହୋଇ ଏନେଇ ଆଲୋଚନା କରିଥିଲେ।

ସବୁ ଦୃଷ୍ଟିରୁ ବିଚାର ବିମର୍ଶ ପୂର୍ବକ ଠିକା ସଂସ୍ଥା ଉପରେ ୨ ବର୍ଷ ଜବରଦଖଲ ପାଇଁ ଜାରିମାନା ଧାର୍ଯ୍ୟ କରିବା ସହିତ ଅବଶିଷ୍ଟ ସମୟ ପାଇଁ ଉପଯୁକ୍ତ ରାଜସ୍ୱ ଜମା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି କେବଳ ଦେଢ଼ ଏକର ଜାଗାରେ ସେ ନିଜ ପାଇପ୍ ଗୋଦାମ କରିବାକୁ କୁହାଯାଇଥିବା ବେଳେ ଅବଶିଷ୍ଟ ଜାଗାକୁ ଗ୍ରାମବାସୀଙ୍କ ବ୍ୟବହାର ନିମନ୍ତେ ୧୫ ଦିନ ମଧ୍ୟରେ ଖାଲି କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। କାହ୍ନୁଚରଣ ପରିଡା, ସନ୍ନ୍ୟାସୀ ମିଶ୍ର, ଗୋପିଆ ଗୌଡ଼, ଗୋବିନ୍ଦ ଚୋଧୁରୀ ଓ ଭାଜପା ନେତା ମାଧବ ସାହୁଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ତହସିଲଦାରଙ୍କ କୋର୍ଟରେ ହାଜିର ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବୀମା ଟଙ୍କା ପାଇବାକୁ ଚୋରି ନାଟକ

ଭୁବନେଶ୍ୱର,୩୦।୧୦
(ସତ୍ୟଜିତ ରାଉତ)

## ମାଲିକ, ବ୍ୟବସାୟୀ ପାର୍ଟନର, ଅନ୍ୟ ୧୧ ଗିରଫ


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ବ୍ୟବସାୟରେ କ୍ଷତି ହେବାରୁ ଦେଇପାରୁ ନ ଥିଲେ ଦୋକାନ ଭଡ଼ା। ଋଣଭାର ଏତେ ବଢ଼ିଯାଇଥିଲା ଯେ, ଏହାକୁ ପରିଶୋଧ କରିବାକୁ ଚିନ୍ତାରେ ପଡ଼ିଥିଲେ। ଏସବୁ ସମସ୍ୟାରୁ ମୁକୁଳିବାକୁ ଯାଇ ବାଛିଥିଲେ ଅପରାଧର ବାଟ। ବୀମା ଟଙ୍କା ପାଇଁ ନିଜ ବ୍ୟବସାୟ ପ୍ରତିଷ୍ଠାନରୁ ଚୋରିର ନାଟକ ରଚିବାକୁ କରିଥିଲେ ବଡ଼ ଯୋଜନା। ତମାଣ୍ଡୋ ବଜାରସ୍ଥିତ ଏକ ପ୍ଲାଇଉଡ୍ ଦୋକାନରୁ ଚୋରି ହେବା ପୂର୍ବରୁ କମିଶନରେଟ୍ ପୋଲିସ ଏହାକୁ ଭଣ୍ଡୁର କରିଛି। ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନର ମାଲିକ, ତାଙ୍କ ବିଜନେସ୍ ପାର୍ଟନର ଓ ଚୋରିରେ ନିୟୋଜିତ ହେବାକୁ ଥିବା ୧୧ଜଣ ବ୍ୟକ୍ତିଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ବଜାରସ୍ଥିତ 'ଆଦ୍ୟାଶା ଟ୍ରେଡର୍ସ'ର ମାଲିକ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିର ସନ୍ତୋଷ କୁମାର ମହାରଣା (୪୩), ବ୍ୟବସାୟୀ ପାର୍ଟନର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ମନୋଜ ସେଜପାଡ଼ା (୩୪)। ଅନ୍ୟ ୧୧ଜଣ ଅଭିଯୁକ୍ତ ହେଲେ ଖୁଣ୍ଟା ଥାନା ଅଞ୍ଚଳର ହରିହର ସଡୁଆଲ (୩୭), ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ଏସ୍‌କେ ମାକ୍ସୁଦ (୩୨), ଏସ୍‌କେ, ଅବଦୁଲ୍ ରେହମାନ (୩୩), ଏସ୍‌କେ ନାସିର୍ (୨୦), ହରେକୃଷ୍ଣ ନାୟକ (୫୩), ଶ୍ୟାମସୁନ୍ଦର ସିଂ (୨୪), ଏସ୍‌କେ ରାଜା (୨୦), ବରହମପୁର ଥାନା ଅଞ୍ଚଳର ବସନ୍ତ କୁମାର ସେନାପତି (୩୬), ସମୀର ଜେନା (୨୦), ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଏସ୍‌କେ ରାଜୁ (୨୨) ଓ ଜିସାନ୍ ଖାନ୍ (୨୫)। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିକଅପ୍ ଭ୍ୟାନ୍, ଦୁଇଟି ଟାଟା ଏସିଇ, ଗୋଟିଏ ବୋଲେରୋ, ଗୋଟିଏ ବୁଲେଟ୍, ୮ଟି ଫେସ୍ ମାସ୍କ, ଗୋଟିଏ ଆଇରନ କଟର୍ ମେଶିନ୍, ୨ଟି ପ୍ଲାସ୍, ୬ଟି ହ୍ୟାଣ୍ଡ ଗ୍ଲୋଭ୍‌ସ, ଗୋଟିଏ ସ୍କ୍ରୁଡ୍ରାଇଭର, ଦୁଇଟି ଛୁରି, ମୋବାଇଲ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚୋରିରେ ନିୟୋଜିତ ଥିବା ୧୧ଜଣ ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ଇତିହାସ ବିଷୟରେ ଜାଣିବାକୁ ପ୍ରୟାସ ଚାଲିଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି।

### ୟୁଟ୍ୟୁବ୍‌ରୁ ଶିଖିଥିଲେ କୌଶଳ

ଅଭିଯୁକ୍ତ ସନ୍ତୋଷ ତମାଣ୍ଡୋ ବଜାରରେ ଅଭିଯୋଗକାରୀ ଅବିନାଶ ପଟ୍ଟନାୟକଙ୍କ ଘରକୁ ମାସିକ ୨୫ ହଜାର ଟଙ୍କା ଭଡ଼ାରେ ନେଇ ୮ରୁ ୯ବର୍ଷ ହେବ ବ୍ୟବସାୟ ପ୍ରତିଷ୍ଠାନ 'ଆଦ୍ୟାଶା ଟ୍ରେଡର୍ସ' ଚଳାଉଛନ୍ତି। ସନ୍ତୋଷଙ୍କ ବ୍ୟବସାୟରେ କ୍ଷତି ହେବା କାରଣରୁ ସେ ଦେଢ଼ବର୍ଷ ହେବ ଦୋକାନ ଭଡା ଦେଇପାରି ନ ଥିଲେ। ଏପରିକି ୨୦୨୪ ନଭେମ୍ବରରୁ ସେ ଅବିନାଶଙ୍କଠାରୁ ୩ ଲକ୍ଷ ଟଙ୍କା ମଧ୍ୟ ଋଣ ନେଇଥିଲେ। ଏଭଳି ୭.୨୫ ଲକ୍ଷ ଟଙ୍କା ସେ ଅବିନାଶଙ୍କୁ ଦେବାର ଥିଲା। ତେବେ ସେ ବ୍ୟବସାୟିକ ପ୍ରତିଷ୍ଠାନ ନାଁରେ ବୀମା କରିଥିବାବେଳେ ଚୋରି ମାମଲା ଦେଖାଇ ୧୮ଲକ୍ଷ ବୀମା ଟଙ୍କା ପାଇବାକୁ ଯୋଜନା କରିଥିଲେ। ଏଥପାଇଁ ସନ୍ତୋଷ ୟୁଟ୍ୟୁବ୍‌ରୁ ଭିଡିଓ ଦେଖି କୌଶଳ ଶିଖିଥିଲେ। ସେ ଏଥିପାଇଁ ଖୁଣ୍ଟାରେ ଫର୍ନିଚର ଦୋକାନ କରିଥିବା ମନୋଜଙ୍କ ସହାୟତା ନେଇଥିଲେ। ଚୋରି କାଣ୍ଡ ଭିଆଇବାକୁ ମନୋଜ ୧୧ଜଣ ଲୋକ ଠିକ୍ କରିଥିଲେ। ଚୋରି ହେବା ପରେ ଉକ୍ତ ସାମଗ୍ରୀକୁ ମନୋଜ ତାଙ୍କ ଦୋକାନରେ ବିକ୍ରି କରିବାକୁ କଥା ଛିଡ଼ିଥିଲା। ତେବେ ୧୧ ଜଣ ବ୍ୟକ୍ତିଙ୍କୁ କାମ ପାଇଁ ହଜାରେ ଲେଖାଏ ଦିଆଯାଇଥିବା ବେଳେ ବୀମା ଟଙ୍କା ପାଇବା ପରେ ଆଉ ୫ ହଜାର ଟଙ୍କା ଲେଖାଏ ଦିଆଯାଇଥାନ୍ତା ବୋଲି ପୋଲିସ ନିକଟରେ ସନ୍ତୋଷ କହିଛନ୍ତି।

### ଢାବାରେ ଯୋଜନା ବେଳେ ଧରାପଡ଼ିଲେ

ବୁଧବାର ବିଳମ୍ବିତ ରାତିରେ ସନ୍ତୋଷ ତାଙ୍କ ନିଜ ଦୋକାନରେ ଚୋରି କରିବାକୁ ନିକଟସ୍ଥ ଏକ ଢାବାରେ ବସି ଯୋଜନା କରିଥିଲେ। ସେମାନେ ସେଠାରେ ରାତ୍ରିଭୋଜନ କରିବା ସହ କିଭଳି ଚୋରିକୁ ସଫଳ ରୂପ ଦେବେ ସେନେଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଜାଣିପାରି ତମାଣ୍ଡୋ ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ପଚରାଉଚରା ପରେ ବୀମା ଟଙ୍କା ପାଇବାକୁ ଏହି କାଣ୍ଡ ହୋଇଥାନ୍ତା ବୋଲି ଜଣାପଡ଼ିଥିଲା। ପୋଲିସ ଠାରୁ ସୂଚନା ପାଇ ଦୋକାନ ଘର ମାଲିକ ଅବିନାଶ ଏତଲା ଦେଇଥିଲେ। ତମାଣ୍ଡୋ ଥାନା ଏନେଇ ମାମଲା (ନଂ.୩୨୫/୨୦୨୫) ରୁଜୁ କରି ତଦନ୍ତ କରୁଛି।

# ମାସେ ପରେ ଜେଲରୁ ବାହାରିଲେ ୯୪ ଏସ୍‌ଆଇ ଆଶାୟୀ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)


ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଥିବା ଚାକିରି ଆଶାୟୀମାନେ।

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୧୧୪ ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ୧ ମାସ ପରେ ଗୁରୁବାର ସେମାନଙ୍କ ମଧ୍ୟରୁ ୯୪ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି। ପୂର୍ବାହ୍ନରେ ପ୍ରଥମେ ୬ଜଣ ମହିଳା ପରୀକ୍ଷାର୍ଥୀ କାରାଗାରରୁ ବାହାରିଥିଲେ। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାର ଅନ୍ୟ ୮୮ଜଣ ପରୀକ୍ଷାର୍ଥୀ କାରାଗାରରୁ ବାହାରି ସେମାନଙ୍କ ଅଭିଭାବକ ତଥା ସମ୍ପର୍କୀୟଙ୍କ ସହ ଯାଇଛନ୍ତି। ଶୁକ୍ରବାର ବଳକା ୨୦ ଜଣ ଜେଲ୍‌ରୁ ବାହାରିବେ ବୋଲି ଜଣାପଡିଛି।

ଚାକିରି ଆଶାୟୀମାନେ କାରାଗାର ଭିତରୁ ବାହାରକୁ ଆସିବା ବେଳେ କପଡ଼ାରେ ନିଜ ମୁହଁ ଘୋଡାଇ ଦେଇଥିଲେ। ସେମାନଙ୍କୁ ନେବାକୁ ଆସିଥିବା ଅଭିଭାବକମାନେ କାରାଗାର ମୁଖ୍ୟ ଫାଟକ ସମ୍ମୁଖରେ ରହିଥିଲେ। ଏଥିଯୋଗୁ ଦିନତମାମ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳେ ଗହଳି ଦେଖାଯାଇଥିଲା। ପିଲାମାନେ ନିର୍ଦ୍ଦୋଷ ଅଛନ୍ତି। କୋର୍ଟ ନ୍ୟାୟ ଦେବେ ବୋଲି ଭରସା ଅଛି। ନ୍ୟାୟ ନ ମିଳିଲେ ହାଇକୋର୍ଟରେ ପିଟିଶନ ଦାଖଲ କରିବୁ ବୋଲି ଅଭିଭାବକମାନେ କହିଛନ୍ତି।

ସୂଚନାଯୋଗ୍ୟ, ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ବ୍ରହ୍ମପୁର ପୋଲିସ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ମୋଟ ୧୨୩ ଜଣଙ୍କୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ୨୯ ତାରିଖରୁ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିବା ୧୧୪ ଜଣ ଚାକିରି ଆଶାୟୀଙ୍କ ସମେତ ୭ ଜଣ ଦଲାଲ ତଥା ଏଜେଣ୍ଟଙ୍କୁ ଜାମିନ ପାଇଁ ସେମାନଙ୍କ ଓକିଲ ବ୍ରହ୍ମପୁର ଭିଜିଲାନ୍ସ ଅଦାଲତରେ ଆବେଦନ କରିଥିଲେ। କୋର୍ଟ କେବଳ ୧୧୪ ଜଣ ଚାକିରି ଆଶାୟୀଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

# ବିମାନବନ୍ଦରରୁ ଧରାପଡ଼ିଲେ ମୋଷ୍ଟୱାଣ୍ଟେଡ୍

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

## ଜାରି ହୋଇଥିଲା ଲୁକ୍ ଆଉଟ ସର୍କୁଲାର୍


ଦ୍ୱିବେନ୍ଦୁ ମହାରଣା

ଦିଲ୍ଲୀରେ ଏକ ବଡ଼ଧରଣର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୋଷ୍ଟୱାଣ୍ଟେଡ୍ ଦ୍ୱିବେନ୍ଦୁ ମହାରଣା ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରୁ ଧରାପଡ଼ିଛନ୍ତି। ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ) ଟିମ୍ ତାଙ୍କୁ ଅଟକ ରଖି ଭୁବନେଶ୍ୱର ଏୟାରପୋର୍ଟ ଥାନାକୁ ହସ୍ତାନ୍ତର କରିଛି। ଦ୍ୱିବେନ୍ଦୁଙ୍କ ଘର କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ। ସେ ଫେରାର ଥିବାବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର୍ ଜାରି ହୋଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦିଲ୍ଲୀରେ ଦ୍ୱିବେନ୍ଦୁଙ୍କ ବିରୋଧରେ ବହୁ କୋଟି ଟଙ୍କାର ଠକେଇ ମାମଲା ରହିଛି। ସେ ଗିରଫଦାରିକୁ ଏଡ଼ାଇବା ପାଇଁ ସିବିଆଇକୁ ଚକ୍‌ମା ଦେଇ ଲୁଚି ରହିଥିଲେ। ଗିରଫ ପରେ ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ନେବା ପାଇଁ ଭୁବନେଶ୍ୱର ଆସୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ମାମଲାରେ ଦ୍ୱିବେନ୍ଦୁଙ୍କ ଅନ୍ୟ ସହଯୋଗୀଙ୍କୁ ମଧ୍ୟ ସିବିଆଇ ପୂର୍ବରୁ ଗିରଫ କରିଛି। ହେଲେ ଦ୍ୱିବେନ୍ଦୁ ବହୁଦିନ ଧରି ଫେରାର ଥିବାରୁ ତାଙ୍କ ବିରୋଧରେ ସିବିଆଇ କୋର୍ଟ ଏନ୍‌ବିଡବ୍ଲ୍ୟୁ (ଗିରଫ ବିହୀନ ଜାମିନ ପରୱାନା) ଜାରି କରିଥିଲା। ଏପରିକି କିଛିମାସ ତଳେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ତେବେ ଦ୍ୱିବେନ୍ଦୁ ଆବୁଧାବିରେ ଥିବାବେଳେ କଟକସ୍ଥିତ ଘରକୁ ଆସିବାକୁ ଯୋଜନା କରିଥିଲେ। ଗୁରୁବାର ସକାଳେ ସେ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କର ପରିଚୟ ପତ୍ର ଯାଞ୍ଚ କରିବା ପରେ କାବୁ କରିଥିଲେ। ଏୟାରପୋର୍ଟରେ ନିୟୋଜିତ ସିଆଇଏସ୍‌ଏଫ୍ ଯବାନଙ୍କ ସହାୟତାରେ ଇମିଗ୍ରେଶନ୍ ଅଧିକାରୀମାନେ ଦ୍ୱିବେନ୍ଦୁଙ୍କୁ ଧରି ଏୟାରପୋର୍ଟ ଥାନାକୁ ନେଇଥିଲେ। ଦିଲ୍ଲୀ ସିବିଆଇ ଟିମ୍ ଭୁବନେଶ୍ୱରରେ ପହଞ୍ଚିବା ପରେ ଦ୍ୱିବେନ୍ଦୁଙ୍କୁ ଗିରଫ କରିନେବ ବୋଲି ସୂଚନା ମିଳିଛି।

# ୫ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

## ପାଓମେକ୍ସ ଷ୍ଟିଲ କାରଖାନା ଡିଜିଏମ ହତ୍ୟା ମାମଲା

କଟକ,୩୦।୧୦(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ୍ ରାଧେଶ୍ୟାମ ରାୟଙ୍କ ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ଅନ୍ୟପକ୍ଷରେ ମାମଲାର ଅନ୍ୟତମ ଅଭିଯୁକ୍ତ ମହତାବ ଖାରସେଲଙ୍କ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତମାନେ ହେଲେ ପୂର୍ଣ୍ଣଚନ୍ଦ୍ର ନାଗ, ଅନ୍ତରାମ ବିଶି, ବୀରେନ୍ଦ୍ର ବାଗ, ଗରୁଡ଼ଧ୍ୱଜ ସାହୁ ଓ ମଦନ ଜାଲ। ପ୍ରତ୍ୟେକ ୫୦ ହଜାର ଟଙ୍କାର ୨ଜଣ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକାରେ ନିମ୍ନ ଅଦାଲତରୁ ଜାମିନରେ ଯିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଜାମିନରେ ଯିବା ପରେ ଅଭିଯୁକ୍ତମାନେ କୌଣସି ଅପରାଧିକ କାର୍ଯ୍ୟରେ ଲିପ୍ତ ହେବେ ନାହିଁ। ଏଥିସହ ପ୍ରତି ତାରିଖରେ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ, ଟିଟିଲାଗଡ଼ରେଥିବା ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କୁ ୨୦୧୧ରେ ହତ୍ୟା କରାଯାଇଥିଲା।

## Business

# ୧୨,୨୦୦କୋଟିରେ ବିକଶିତହେବ ଜାତୀୟ ଜଳପଥ ୫, ୬୪

## ଆଇଡବ୍ଲ୍ୟୁଏଆଇ, ଓଡ଼ିଶା ସରକାର, ପିପିଏ ଏବଂ ଏମ୍‌ସିଏଲ୍ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)



